ଧରିତ୍ରୀ
DHARITRI
March 15-21, 2026 ₹ 2/-
ଧରିତ୍ରୀ DHARITRI 52 Years

# ଛୁଟିଦିନ



# ପକ୍ଷୀ ପ୍ରେମୀ

**ନିରୀହ ପକ୍ଷୀମାନଙ୍କ ସମସ୍ୟା ଦେଖିଲେ ତାଙ୍କ ଅନ୍ତର ଆତ୍ମା କାନ୍ଦି ଉଠେ। କାହାକୁ ଖାଇବାକୁ ଦିଅନ୍ତି ତ କାହା ପାଇଁ ଘର ତିଆରି କରି ଦିଅନ୍ତି। ପୁଣି କିଏ ଅସୁସ୍ଥ ବା ଆଘାତପ୍ରାପ୍ତ ହେଲେ ତାକୁ ସଙ୍ଗେ ସଙ୍ଗେ ଚିକିତ୍ସା ବି ଯୋଗାଇ ଦିଅନ୍ତି। ପକ୍ଷୀଙ୍କ ପାଇଁ ତାଙ୍କର ଭଲ ପାଇବା ତାଙ୍କୁ ପକ୍ଷୀ ପ୍ରେମୀର ପରିଚୟ ଦେଇଛି...**

ପ୍ରଚ୍ଛଦ ପ୍ରସଙ୍ଗ

୩

# ୱାଟର୍ ଫାଉଣ୍ଟେନ ରଖୁଥିଲେ...

ୱାଟର୍ ଫାଉଣ୍ଟେନରୁ ପ୍ରବାହିତ ହେଉଥିବା ଜଳକୁ ଧନ, ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। ଏହା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ଘର ପାଇଁ ଖୁସି ଆଣେ ବୋଲି ବିଶ୍ୱାସ ରହିଛି। ତେବେ ଏହାକୁ ଘରର କେଉଁ ଦିଗରେ ରଖିଲେ କ'ଣ ସୁଫଳ ମିଳେ ଜାଣନ୍ତୁ ସେ ସମ୍ପର୍କରେ...

* ପୂର୍ବ ଦିଗକୁ ନୂତନ ଆରମ୍ଭର ଦିଗ ବୋଲି କୁହାଯାଏ। ଏହି ଦିଗରେ ୱାଟର୍ ଫାଉଣ୍ଟେନ ରଖିଲେ ଘରେ ସମୃଦ୍ଧି ବଢ଼େ ବୋଲି ବିଶ୍ୱାସ ରହିଛି।
* ଉତ୍ତର ଦିଗର ସ୍ୱାମୀ ହେଲେ ଭଗବାନ କୁବେର ଏବଂ ପୂର୍ବ ଦିଗର ସ୍ୱାମୀ ଭଗବାନ ସୂର୍ଯ୍ୟ। ତେଣୁ ଏହି ଦୁଇଦିଗରେ ୱାଟର୍ ଫାଉଣ୍ଟେନ ରଖିବା ଶୁଭ।
* ଭୁଲରେ ବି ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ୱାଟର୍ ଫାଉଣ୍ଟେନ ରଖିବା ଠିକ୍ ନୁହେଁ। କାରଣ ଦକ୍ଷିଣ ଦିଗର ପ୍ରଭୁ ଯମରାଜ



ଏବଂ ପଶ୍ଚିମ ଦିଗର ଦେବତା ଶନିଦେବ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ଦୁଇଦିଗରେ ୱାଟର୍ ଫାଉଣ୍ଟେନ ରଖିଲେ; ଗୃହରେ ଅଶାନ୍ତି ଲାଗି ରହେ ବୋଲି ବିଶ୍ୱାସ କରାଯାଏ।
* ୱାଟର୍ ଫାଉଣ୍ଟେନକୁ ସର୍ବଦା ସଫାସୁତୁରା ରଖିବା ଦରକାର। ଏଥିରେ ଯେମିତି କୌଣସି ବିପଦପୂର୍ଣ୍ଣ ଅବା ଅଶୁଭ ବସ୍ତୁ ଯଥା: ଛୁରୀ, ମାରାଣାସ୍ତ୍ର, ଆବର୍ଜନା, ଖରାପ ହୋଇଯାଇଥିବା କୌଣସି ବସ୍ତୁ ଇତ୍ୟାଦିର ପ୍ରତିଫଳନ ନ ହୁଏ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। କାରଣ ଏହା ଗୃହରେ ନକାରାତ୍ମକ ଶକ୍ତିକୁ ପ୍ରଶ୍ରୟ ଦିଏ।
* ଦୁଇଟି ୱାଟର୍ ଫାଉଣ୍ଟେନକୁ କେବେ ବି ସାମ୍ନାସାମ୍ନି ରଖିବା ଠିକ୍ ନୁହେଁ। ଏହା ପରିବାରରେ ସନ୍ଦେହର ବାତାବରଣ ସୃଷ୍ଟି କରେ ବୋଲି ବିଶ୍ୱାସ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୫-୨୧, ୨୦୨୨

**ମେଷ**



ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ, ବନ୍ଧୁଙ୍କ ସହାନୁଭୂତି ପାଇବେ, ସାହିତ୍ୟକୃତିରୁ ପ୍ରଶଂସା, ଜମିଜମା କାରବାର ବଢ଼ିବ, ଯାନ୍ତ୍ରିକ ଜିନିଷର ମରାମତି, କର୍ମକ୍ଷେତ୍ରରେ ମତାନ୍ତର, ପ୍ରତିବନ୍ଧକ ଦୂରେଇଯିବ, ବାଣିଜ୍ୟର ଅଭିବୃଦ୍ଧି ଘଟିବ, ପରିବହନରେ ବିବାଦର ଆଶଙ୍କା ॥

**ବୃଷ**




ସମସ୍ୟା ସମାଧାନ ହେବ, ସାମାଜିକ ସମ୍ମାନ ମିଳିବ, ରାଜନୈତିକ ଆଲୋଚନା, ଖଳ ଲୋକଙ୍କ ସମାଲୋଚନା, ନିର୍ମାଣାଧୀନ କାର୍ଯ୍ୟର ପୂର୍ଣ୍ଣାଙ୍ଗ, ଯାନବାହନ କିଣିପାରନ୍ତି, ଧନହାନୀ ଘଟିପାରେ ॥

**ମିଥୁନ**



ନୂଆ ଅନୁଭୂତି ପାଇବେ, ଆର୍ଥିକ ସ୍ଥିତି ବଦଳିଯିବ, ପ୍ଲଟିଙ୍ଗ୍ କାରବାର ବଢ଼ିବ, ନିଶାଗ୍ରସ୍ତଙ୍କ ପ୍ରାଦୁର୍ଭାବ, ପଡୋଶୀଙ୍କ ଈର୍ଷା ଓ ଅସୂୟା, ଦେହପୀଡା ଲାଗିରହିବ, ନୂଆ ସମ୍ପର୍କ ଗଢ଼ିବେ, ଯୋଜନା କାର୍ଯ୍ୟକାରୀ ହେବ, ରୋଜଗାର ବେଶ୍ ଆଖିଦୃଶିଆ ହେବ ॥

**କର୍କଟ**




ଉତ୍ସାହିତ ହୋଇପାରନ୍ତି, କାର୍ଯ୍ୟଶୈଳୀରେ ପରିବର୍ତ୍ତନ, ପ୍ରଗତିର ରୁଦ୍ଧଦ୍ୱାର ଖୋଲିବ, ରୋଗପୀଡା କମିବ, ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି, ସାମୟିକ ଅର୍ଥ ସଂକଟ ହେବ ॥

**ସିଂହ**



ନୂତନ ଯୋଜନା କରିବେ, କାର୍ଯ୍ୟଦକ୍ଷତା ବଢ଼ିବ, ବନ୍ଧୁଙ୍କ ପ୍ରୋତ୍ସାହନ ମିଳିବ, ସାମାଜିକ ଅପଯଶ ଆସିବ, ସ୍ୱାସ୍ଥ୍ୟ ଭଲ ରହିବ, ଆନୁଷ୍ଠାନିକ କାମ କରିବେ, ପିଲାଙ୍କ କୃତି ଓ କୃତିତ୍ୱ, ପବ୍ଲିକେଶନରେ ସମସ୍ୟା, ଆଇନ ସହାୟତା ଲୋଡିବେ ॥

**କନ୍ୟା**



ପାରିବାରିକ ଦୁଶ୍ଚିନ୍ତା, ପରିସ୍ଥିତି ଦୁର୍ବିସହ ହୋଇପାରେ, ବନ୍ଧୁବର୍ଗଙ୍କ ଆଶ୍ୱାସନା, ଆନ୍ତରିକତାବିହୀନ ବନ୍ଧୁତା, ଆତ୍ମୀୟ ସ୍ୱଜନଙ୍କ ଦୁର୍ବ୍ୟବହାର, ମକଦ୍ଦମାରେ ବିଜୟ, ପ୍ରତିଯୋଗୀତାରେ ସଫଳତା, ସୁନାମ ଅର୍ଜନ କରିବେ, ସୀମାବିବାଦରୁ କଳହ ॥

**ତୁଳା**



ସାମାଜିକ ସମ୍ମାନ ମିଳିବ, ସାଂସ୍କୃତିକ କାମରେ ଦ୍ୱନ୍ଦ୍ୱ, ନୂତନ ଗୃହ ନିର୍ମାଣରେ ସମସ୍ୟା, ଯାନବାହନର ନବୀକରଣ, ଭୁଲ୍ ବୁଝାମଣାରୁ ଅଶାନ୍ତି, ଭ୍ରାତୃସମ୍ପର୍କରେ ଉନ୍ନତି, ବନ୍ଧୁପ୍ରସ୍ତାବ ଆସିପାରେ, ସାଂଗଠନିକ ସ୍ଥିତି ଦୁର୍ବଳ ହୋଇପାରେ ॥

**ବିଛା**



ନୂତନ କାମର ଶୁଭାରମ୍ଭ, ଶୁଭେଚ୍ଛୁଙ୍କ ଧାଡି ଜମିବ, ସାମ୍ବାଦିକତାରୁ ଗୌରବ, କ୍ରୀଡାରେ ନୈପୁଣ୍ୟତା, ଆର୍ଥିକ ଦୃଢ଼ବସ୍ଥା, ବନ୍ଧୁସମ୍ପର୍କ ହାନୀ, ପାରିବାରିକ ମତାନ୍ତର, ସଙ୍ଗୀତ ଚଳଚ୍ଚିତ୍ରରେ ସମସ୍ୟା, ବ୍ୟବସାୟରେ କ୍ଷତି, ସନ୍ତାନଙ୍କ ବିଶୃଙ୍ଖଳା ॥

**ଧନୁ**



କର୍ମକ୍ଷେତ୍ରରେ ପ୍ରତିରୋଧ, ଦୁଃସାହସିକ ପଦକ୍ଷେପ ନେବେ, ବକେୟାପ୍ରାପ୍ତିରେ ବାଧା, ପାରିବାରିକ ଜୀବନରେ ଅଶାନ୍ତି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ପ୍ରଗତିରେ ବାଧା ଉପୁଜିବ, ସ୍ନାୟବିକ ଦୁର୍ବଳତା, ସରକାରୀ ସୁବିଧା ପାଇବେ ॥

**ମକର**



ଉନ୍ନତିମୂଳକ କାର୍ଯ୍ୟାରମ୍ଭ, ପରିବାରର ସହମତି, ବୁଝାମଣା ଭଲ ରହିବ, ଆତ୍ମୀୟସ୍ୱଜନଙ୍କ ଅପପ୍ରଚାର, ଖର୍ଚ୍ଚର ସୁଅ ବଢ଼ିବ, ଆତ୍ମବିଶ୍ୱାସ ହରାଇପାରନ୍ତି, ବିଦେଶଯାତ୍ରାର ସୁଯୋଗ, ଗବେଷଣାରେ ଅଗ୍ରଗତି ॥

**କୁମ୍ଭ**



ଦୁଶ୍ଚିନ୍ତା ଦୂର ହେବ, ବୈଷୟିକ ଅଭିବୃଦ୍ଧି ଘଟିବ, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଜମିଜମା କ୍ରୟବିକ୍ରୟ, ସମ୍ପତ୍ତିହାନୀ ଘଟିପାରେ, ଧର୍ମକାର୍ଯ୍ୟ ପ୍ରତି ମନ ବଳାଇବେ, ବୃଦ୍ଧାମାତାଙ୍କ ସ୍ୱାସ୍ଥ୍ୟହାନୀ, ଦର୍ଶନୀୟସ୍ଥାନ ପରିଭ୍ରମଣ, ଉଦ୍‌ବେଗ ବଢ଼ିପାରେ।

**ମୀନ**



ମାନସିକ ଅସ୍ଥିରତା, ଶତ୍ରୁତାର ସମାଧାନ, ମଧ୍ୟସ୍ଥତାରୁ ସମାଲୋଚନା, ପକ୍ଷପାତିତାରୁ କଳହ, କର୍ମଚାରୀମାନଙ୍କ ନିସ୍ପୃହତା, ବିଳାସବ୍ୟସନରେ ରୁଚି, ପାରିବାରିକ ସଦ୍ଭାବ, ସତ୍‌ସଙ୍ଗର ସୁଯୋଗ ଲାଭ, ଧର୍ମକାର୍ଯ୍ୟ କରିବେ, କ୍ରୀଡା ଚଳଚ୍ଚିତ୍ରରେ ବିବାଦ ॥

# କେଉଁ ଖାଦ୍ୟ ଖାଇବା ପରେ ପାଣି ପିଇବେନି...

ଶରୀରକୁ ସୁସ୍ଥ ଓ ସତେଜ ରଖିବାରେ ପାଣିର ଭୂମିକା ଯଥେଷ୍ଟ ଥାଏ। କୁହାଯାଏ, ଜଣେ ସୁସ୍ଥ ବ୍ୟକ୍ତିଙ୍କୁ ପ୍ରତିଦିନ ୬ରୁ ୧୦ ଗ୍ଲାସ୍ ପାଣି ପିଇବା ଆବଶ୍ୟକ। କିନ୍ତୁ ଜରୁରୀ ନୁହେଁ, ସବୁ ଲୋକଙ୍କୁ ସମାନ ମାତ୍ରାର ପାଣି ପିଇବା ଦରକାର। ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ। ସେହିପରି ଏମିତି କିଛି ଖାଦ୍ୟ ବି ରହିଛି ; ଯାହାକୁ ଖାଇସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଆଦୌ ଠିକ୍ ନୁହେଁ। ଯେମିତିକି:

* ଚଣାଭଜା ଖାଇବା ପରେ ତୁରନ୍ତ ପାଣି ପିଇବେ ନାହିଁ। କାରଣ ପାଣି ପିଇଦେଲେ ଚଣା ଠିକ୍‌ରେ ହଜମ ହୁଏନାହିଁ ; ଯଦ୍ୱାରା ପେଟ ଦରଜ ସମସ୍ୟା ଦେଖାଦିଏ।
* ପିଜୁଳି ଖାଇବା ପରେ ମଧ୍ୟ ପାଣି ପିଇବା ଠିକ୍ ନୁହେଁ। ଏହା ଗ୍ୟାସ୍ ସମସ୍ୟାକୁ ଡାକିଆଣେ ବୋଲି ବିଶ୍ୱାସ କରାଯାଏ। * ଆଇସ୍‌କ୍ରିମ୍ ଖାଇବା ପରେ ବି ପାଣି ପିଇଲେ ତଣ୍ଟି ଦରଜ



ହେବା ସହ ଦାନ୍ତରେ ସେନ୍‌ସେଶନ୍ ସମସ୍ୟା ଦେଖା ଦେଇଥାଏ।
* ଅନ୍ୟପକ୍ଷେ ଯେଉଁ ଫଳରେ ଜଳୀୟଅଂଶ ଅଧିକ ଥାଏ ଯଥା: କମଳା, କାକୁଡ଼ି, ଷ୍ଟ୍ରବେରି, ତରଭୁଜ, ଖରଭୁଜ ଇତ୍ୟାଦି ଖାଇବା ପରେ ବି ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ।

# ପାଠକୀୟ

* ଦୋଳ ପୂର୍ଣ୍ଣମୀରେ ଶ୍ରୀ ରାଧାକୃଷ୍ଣଙ୍କ ସୁସଜ୍ଜିତ ଦୋଳ ବିମାନ ଗାଁ ଗାଁରେ ଦେଖିବାକୁ ମିଳେ। ତେବେ ଏହି ଦୋଳ ବିମାନ ନିର୍ମାଣ ପଛରେ ରହିଛି କିଛି ନିର୍ଦ୍ଦିଷ୍ଟ ଗାଁର ମହାରଣାଙ୍କ ହାତର କାରୁକାର୍ଯ୍ୟ। ତେଣୁ ଏଭଳି ଏକ ସୂଚନାଯୋଗ୍ୟ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ଦୋଳ ବିମାନର ଗାଁ' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ମମତା ପଟ୍ଟନାୟକ, ସୋର, ବାଲେଶ୍ୱର*

* 'ଦୋଳ ବିମାନର ଗାଁ' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ହୃଦୟଛୁଆଁ ହୋଇଥିଲା। 'ହୋଲିକୁ ନେଇ ବାସ୍ତୁ', 'ହୋଲିର ରଙ୍ଗ ବି ଆଣିପାରେ ଖୁସି' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। 'ବିଦେଶରେ ହୋଲି' ଶୀର୍ଷକ ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

*– ରତିକାନ୍ତ ଦାଶ, ପୋଖରୀପୁଟ, ଭୁବନେଶ୍ୱର*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଜ୍ଞାନ ପାଇଁ ସମର୍ପିତ ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। 'ପୁରୁଣା ଡାଏରୀ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠା ବି ଆକର୍ଷଣୀୟ ଲାଗୁଥିଲା।

*– ତପନ ପଣ୍ଡା, ବିଞ୍ଝାରପୁର, ଯାଜପୁର*

* କବି ଶୁଭବ୍ରତ ମହାପାତ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। ଲାଇଫଷ୍ଟାଇଲ୍ ପୃଷ୍ଠାରୁ ହୋଲି ଆଉଟ୍‌ଫିଟ୍ ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ହରିରାଜପୁର ମେଳଣ ଶୀର୍ଷକ ପାଠଟି ବି ତଥ୍ୟପୂର୍ଣ୍ଣ ଥିଲା।

*– ଦମୟନ୍ତୀ ପ୍ରଧାନ, ରାଉରକେଲା*

* ସହର ପୃଷ୍ଠାରୁ 'ହୋଲି କେଉଁଠି କେମିତି' ସେ ସମ୍ପର୍କରେ ଜାଣି ଖୁସି ଲାଗିଲା। ବିବିଧ ପୃଷ୍ଠାରେ ସ୍ଥାନିତ 'ଏଣ୍ଟୁଅ ରଙ୍ଗ ବଦଳାଏ କେମିତି' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୧୩ ବର୍ଷ ବୟସରେ ଛୁଇଁଲେ ସାତ ଶିଖର', 'ଦାମୀ ଅମଲେଟ୍' ଏବଂ 'ନାକରେ ବିଆସିଲି କାଠି' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ହେବା ସହ ତଥ୍ୟପୂର୍ଣ୍ଣ ଥିଲା।

*– ରୂପେଶ ସାହୁ, ବଲାଙ୍ଗୀର*

ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:
chhutidinadharitri@gmail.com

## ବିଶେଷ ଚିଠି



ଦୋଳ ବିମାନର ଗାଁକୁ ନେଇ ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ, ନିଆରା ଲାଗିବା ସହ ଦେଉଥିଲା ଅପୂର୍ବ ଆନନ୍ଦ। ତା'ସାଙ୍ଗକୁ ଥିଲା ସାଥୀ, ସିନେମା ଓ ସହରରୁ ଦୂର, ମନ କିଣି ନେଉଥିଲା ପୁଣି ତୁମ ପ୍ରଥମ ରୋଜଗାର। ବିବିଧ, ବ୍ୟାକ୍‌ପେଜ୍ ବି ଲାଗୁଥିଲା ଭାରି ବଢ଼ିଆ, ମନ ଚାହେଁ ଛୁଟିଦିନ ତୁ ଶୀଘ୍ର ଶୀଘ୍ର ଆ।

*–ଅଶୋକ ମହାନ୍ତି, ଚକ୍ରତୀର୍ଥ ରୋଡ଼, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ପକ୍ଷୀ ପ୍ରେମୀ



**ନିରୀହ ପକ୍ଷୀମାନଙ୍କ ସମସ୍ୟା ଦେଖିଲେ ତାଙ୍କ ଅନ୍ତର ଆତ୍ମା କାନ୍ଦି ଉଠେ। କାହାକୁ ଖାଇବାକୁ ଦିଅନ୍ତି ତ କାହା ପାଇଁ ଘର ତିଆରି କରି ଦିଅନ୍ତି। ପୁଣି କିଏ ଅସୁସ୍ଥ ବା ଆଘାତପ୍ରାପ୍ତ ହେଲେ ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ବି ଯୋଗାଇ ଦିଅନ୍ତି। ପକ୍ଷୀଙ୍କ ପାଇଁ ତାଙ୍କର ଭଲ ପାଇବା ତାଙ୍କୁ ପକ୍ଷୀ ପ୍ରେମୀର ପରିଚୟ ଦେଇଛି...**

ପକ୍ଷୀମାନେ ନିରୀହ। ସେମାନଙ୍କ କିଚିରିମିଚିରି ଶବ୍ଦ ବେଶ୍ ମନଛୁଆଁ। ହେଲେ ଏହି ନିରୀହ ପ୍ରାଣୀ ଅନେକ ସମୟରେ ବିପଦର ସମ୍ମୁଖୀନ ହୁଅନ୍ତି। କେବେ ଝଡ଼ବାତ୍ୟା ସେମାନଙ୍କ ବସା ଭାଙ୍ଗିଦିଏ ତ ପୁଣି କେତେବେଳେ ଇଲେକ୍ଟ୍ରି ତାର ହେଉକି ମାଞ୍ଜା ସୂତାରେ ସେମାନଙ୍କ ଜୀବନ ଯାଏ। ଆଉ କେତେବେଳେ କୌଣସି କାରଣରୁ ଆହତ ହୋଇ ରାସ୍ତାଘାଟରେ ପଡି ଛଟପଟ ହେଉଥିବାର ବି ଦେଖାଯାଏ। କେହି କେହି ଏମାନଙ୍କୁ ଉଦ୍ଧାର କରିବାକୁ ଆଗେଇ ଆସନ୍ତି ତ ପୁଣି କିଏ ମୁହଁ ବୁଲାଇ ଚାଲିଯାନ୍ତି। ହେଲେ ଏଠାରେ ଯେଉଁ ବ୍ୟକ୍ତିମାନଙ୍କ କଥା କୁହାଯାଉଛି, ସେମାନେ ପକ୍ଷୀମାନଙ୍କର ଏହି ଯନ୍ତ୍ରଣାକୁ ସହି ନପାରି ଏମିତି କିଛି ମହତ୍ କାମ କରିଛନ୍ତି ; ଯାହା ସେମାନଙ୍କୁ ଜଣେ ଜଣେ ପକ୍ଷୀ ପ୍ରେମୀର ପରିଚୟ ଆଣିଦେଇଛି....

**ନିଜ ସାଇକେଲ୍‌କୁ ପକ୍ଷୀଙ୍କ ଆମ୍ବୁଲାନ୍ସ କରିଥିବା ବ୍ୟକ୍ତି:** ବେଳେବେଳେ ଇଲେକ୍ଟ୍ରି ତାର ହେଉ କି ଗୁଡ଼ି ଉଡ଼ାଇବା ପାଇଁ ବ୍ୟବହୃତ ହେଉଥିବା ମାଞ୍ଜା ସୂତାରେ ବାଜି କିଛି ନିରୀହ ପକ୍ଷୀ ଗୁରୁତର ଆହତ ଅବା ମୃତ୍ୟୁର ସମ୍ମୁଖୀନ ହୋଇ ବାଟରେ ଘାଟରେ ପଡ଼ି ରହିଥାନ୍ତି। ସେମାନଙ୍କର ଏଭଳି ଅବସ୍ଥାକୁ ଦେଖି କେହି କେହି ଦୁଃଖ ପ୍ରକାଶ କରନ୍ତି ତ ଆଉ କେହି ସେଠାରୁ ବାଟ କାଟି ନିଜ କାମରେ ଚାଲିଯାନ୍ତି। ହେଲେ ଚଣ୍ଡୀଗଡ଼ରେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ; ଯିଏ କି ପକ୍ଷୀମାନଙ୍କର ଏଭଳି ଅବସ୍ଥା ସମ୍ପର୍କରେ ଖବର ପାଇବା ମାତ୍ରେ ସବୁ କାମ ଛାଡ଼ି ସେମାନଙ୍କ ସୁରକ୍ଷା ପାଇଁ ନିଜ ସାଇକେଲ୍ ଧରି ତୁରନ୍ତ ଘଟଣାସ୍ଥଳରେ ହାଜିର ହୋଇଯାନ୍ତି। ଏହି ହୃଦୟବାନ ବ୍ୟକ୍ତି ଜଣକ ହେଉଛନ୍ତି **ପ୍ରିନ୍ସ ମେହରା** ; ଯାହାଙ୍କୁ ମନଜୀତ୍ ସିଂ ନାମରେ ବି କେହି କେହି ଜାଣନ୍ତି। ଦିନ ଥିଲା ଏକ ବେସରକାରୀ ସଂସ୍ଥାରେ ପିଲାମାନଙ୍କୁ ଚିତ୍ର ଶିଖାଇ ପ୍ରିନ୍ସ ନିଜର ଗୁଜୁରାଣ ମେଣ୍ଟାଉଥିଲେ। ଆଉ ସେହି ସଂସ୍ଥା ଜରିଆରେ ସେ ଏକ ସ୍ୱେଚ୍ଛାସେବୀ ସଂଗଠନ ସହ ମିଶିବାର ସୁଯୋଗ ପାଇଲେ ; ଯେଉଁ ସଂସ୍ଥା କି ମୁଖ୍ୟତଃ ପ୍ରଦୂଷଣମୁକ୍ତ ପରିବେଶ ଉପରେ କାମ କରୁଥିଲା। ଏହି ସଂସ୍ଥାରୁ ପ୍ରେରଣା ପାଇ ପ୍ରିନ୍ସ ମାତ୍ର ୨୧ ବର୍ଷ ବୟସରୁ ମୋଟରଗାଡ଼ି ଚଲାଇବା ଛାଡ଼ି ସାଇକେଲ୍ ଚଲାଇବାକୁ ଲାଗିଲେ। ସେବେଠାରୁ ସାଇକେଲ୍ ଯେମିତି ତାଙ୍କ ଜୀବନର ଏକ ମୁଖ୍ୟ ଅଂଶ ପାଲଟିଗଲା। ଥରେ ପ୍ରିନ୍ସ ଚିତ୍ର ଶିଖାଉଥିବା କିଛି ପିଲାଙ୍କୁ ଧରି ପଞ୍ଜାବସ୍ଥିତ ଏକ ଆର୍ମି ଆଟାଚ୍‌ମେଣ୍ଟ କ୍ୟାମ୍ପକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ସେମାନେ ୪ଦିନ ରହିଲେ। ଏହି ୪ଦିନର ରହଣି ଭିତରେ ଦିନେ ପ୍ରିନ୍ସ ଆଖପାଖ ଅଞ୍ଚଳରେ ବୁଲୁଥିବାବେଳେ ତାଙ୍କ ନଜରକୁ ଏକ ଅଜବ ଘଟଣା ଆସିଲା। ରାସ୍ତା ସଫା କରୁଥିବା ଜଣେ ସଫେଇକର୍ମୀ ସବୁ ଅଳିଆ ଆବର୍ଜନା ସହିତ ସେଠାରେ ମରି ପଡିଥିବା ଏକ ପାରାକୁ ମଧ୍ୟ ଉଠେଇ ନେଇ ନିକଟରେ ଥିବା ଅଳିଆଗଦାରେ ପକାଉଥିବାର ସେ ଦେଖିଲେ। ପ୍ରିନ୍ସ ଏମିତି କାହିଁକି କରୁଛ ବୋଲି ଉକ୍ତ ସଫେଇକର୍ମୀଙ୍କୁ ପଚାରିବାରୁ ସେ କହିଲେ, ‘‘ବାବୁ ପକ୍ଷୀଟି ଇଲେକ୍ଟ୍ରି ସକ୍ ପାଇ ଏଠି ମରି ପଡିଥିଲା। ତେଣୁ ମୁଁ ତାକୁ ଏଠୁ ଉଠେଇନେଇ ଅଳିଆଗଦାରେ ପକାଇଦେଲି। ଏଥିରେ ଅସୁବିଧା କେଉଁଠି ରହିଲା।’’ ହେଲେ ପ୍ରିନ୍ସଙ୍କ ମନକୁ ଏକଥା ଆଦୌ ପାଇଲା ନାହିଁ। ମଲା ପକ୍ଷୀଟିକୁ ଏମିତି ଅଳିଆ ଗଦାରେ ନ ପକାଇ ତାକୁ ଗାତ ଖୋଳି ପୋତିଦେବା କଥା। ନଚେତ୍ ପକ୍ଷୀଟି ପଚିଶଢ଼ି ଦୁର୍ଗନ୍ଧ ହେବ ; ଯାହାର ଖରାପ ପ୍ରଭାବ ଆଖପାଖ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିବ। ଏକଥା ଶୁଣି ସଫେଇକର୍ମୀ ହସି କହିଲେ, ‘‘ବାବୁ ମୋତେ ମୋ କାମ ଶୀଘ୍ର ଶୀଘ୍ର ସାରିବାର ଅଛି। ମଲା ପକ୍ଷୀକୁ ଗାତ ଖୋଳି ପୋତିବାକୁ ମୋ ପାଖେ ସମୟ ଥିଲେ ତ କରିବି। ତେଣୁ ଯେଉଁଠି ବି ଏମିତି ମଲା ପକ୍ଷୀ ପଡ଼ିଥାନ୍ତି ମୁଁ ତାଙ୍କୁ ଆଣି ଅଳିଆଗଦାରେ ପକାଇଦିଏ।’’ ଏତିକି କହି ସଫେଇକର୍ମୀ ଜଣକ ସେଠାରୁ ଚାଲିଗଲେ। ୪ଦିନ କ୍ୟାମ୍ପ ବୁଲିସାରି ପ୍ରିନ୍ସ ବି ପିଲାମାନଙ୍କୁ ଧରି ଚଣ୍ଡୀଗଡ଼ ଫେରିଆସିଲେ। ହେଲେ ପ୍ରିନ୍ସଙ୍କର ମୁଣ୍ଡରେ କିନ୍ତୁ ସେହି ସଫେଇକର୍ମୀର କଥା ଥାଏ। ତା’ପରଠୁ ପ୍ରିନ୍ସ ନିଷ୍ପତ୍ତି ନେଲେ ଯେ, ସେ ଯେବେ ବି କେଉଁଠି ମଲା ପକ୍ଷୀ ପଡ଼ିଥିବାର ଦେଖିବେ, ତାକୁ ନିଶ୍ଚୟ ଗାତ ଖୋଳି ପୋତିବେ। କେବଳ ସେତିକି ନୁହେଁ, ଆହତ ପକ୍ଷୀମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସେ ନିଜ ସାଇକେଲ୍‌କୁ ମଧ୍ୟ ପକ୍ଷୀ ଆମ୍ବୁଲାନ୍ସର ରୂପ ଦେଲେ। ସାଇକେଲ୍‌ରେ ସ୍ୱତନ୍ତ୍ର ବାସ୍କେଟ ଝୁଲାଇ ସେଥିରେ ବାଣ୍ଡେଜ କପଡ଼ା, କଇଁଚି, ପକ୍ଷୀଙ୍କ କ୍ଷତ ସ୍ଥାନରେ ଲଗାଇବା ପାଇଁ କିଛି ଔଷଧ, ମୃତ ପକ୍ଷୀଙ୍କୁ ପୋତିବା ପାଇଁ ଛୋଟ ଫାଉଡ଼ା ଆଦି ରଖିଲେ। ଏଥିସହିତ ସାଇକେଲ୍ ଆଗରେ ବାର୍ଡ ଆମ୍ବୁଲାନ୍ସର ବୋର୍ଡ ଝୁଲାଇ, ସେଥିରେ ନିଜ ମୋବାଇଲ ନମ୍ବର ମଧ୍ୟ ଲେଖିଦେଲେ। ତା’ସହିତ ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ନୋଟିସ୍ ବୋର୍ଡ ଲଗାଇ ସେଥିରେ ଲେଖିଲେ ଯେ, ‘‘ଯଦି କେହି ବ୍ୟକ୍ତି କୌଣସି ସ୍ଥାନରେ ମଲା ପକ୍ଷୀ ଅବା ଆହତ ପକ୍ଷୀ ପଡ଼ିଥିବାର ଦେଖନ୍ତି, ତା’ହେଲେ ତୁରନ୍ତ ପ୍ରିନ୍ସ ମେହରାଙ୍କୁ ଏହି ମୋବାଇଲ ନମ୍ବରରେ ଜଣାଇବାକୁ ଅନୁରୋଧ’’। ବାସ୍ ତା’ପରଠୁ ପ୍ରତିଦିନ ପ୍ରିନ୍ସଙ୍କ ପାଖକୁ ଫୋନ୍ ଆସିବାକୁ ଲାଗିଲା ଆଉ ପ୍ରିନ୍ସଙ୍କର ପକ୍ଷୀ ସୁରକ୍ଷା ଅଭିଯାନ ଚାଲୁ ରହିଲା। ଯା’ ଭିତରେ ପ୍ରିନ୍ସ ପ୍ରାୟ ୧୧ଶହରୁ ଊର୍ଦ୍ଧ୍ୱ ଆହତ ପକ୍ଷୀଙ୍କର ଚିକିତ୍ସା କରି ତାଙ୍କୁ ସୁସ୍ଥ କରିବା ସହ ପ୍ରାୟ ୧୨ଶହରୁ ଊର୍ଦ୍ଧ୍ୱ ମଲା ପକ୍ଷୀଙ୍କୁ ଗାତ ଖୋଳି ପୋତି ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାରେ ସହଯୋଗ କରିଆସୁଛନ୍ତି। ଯଦ୍ଦ୍ୱାରା ପ୍ରିନ୍ସଙ୍କୁ ଅନେକ ସଂସ୍ଥା ତରଫରୁ ପୁରସ୍କୃତ ଓ ସମ୍ମାନିତ କରାଯିବା ସହ ତାଙ୍କ ନାମକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ ପାଇଁ ମଧ୍ୟ ମନୋନୀତ କରାଯାଇଛି। କେବଳ ସେତିକି ନୁହେଁ, ଆନିମଲ୍ ହଜବାଣ୍ଡ୍ରୀ ଡିପାର୍ଟମେଣ୍ଟ ତରଫରୁ ପ୍ରିନ୍ସଙ୍କୁ ଆନିମଲ୍ ଆଟେଣ୍ଡାଣ୍ଟ ଭାବେ କାମ କରିବାକୁ ବି ସୁଯୋଗ ଦିଆଯାଇଛି। ଅଫିସ୍ କାମ ସାଙ୍ଗକୁ ପ୍ରତ୍ୟହ ଅପରାହ୍ନ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପ୍ରିନ୍ସ ଏହି ପକ୍ଷୀ ଉଦ୍ଧାର କାମରେ ଲାଗିଥାନ୍ତି। ଆଉ ପ୍ରତିମାସ ନିଜ ଦରମାର ପ୍ରାୟ ୨୦ ପ୍ରତିଶତ →










ଅମିତ ଜୈନ ଓ ଅଭିଷେକ ଜୈନ



ହରେଶ ଶାହ



ଭଗବାନଜୀ ଭାଇ



ଜବାହର ଲାଲ

ଏହି କାମରେ ସେ ବିନିଯୋଗ କରିଥାନ୍ତି। ପ୍ରଥମେ ପ୍ରଥମେ ପରିବାର ତରଫରୁ ପ୍ରିନ୍ସକୁ ଏହି କାମ ନ କରିବାକୁ ବାରଣ କରାଯାଉଥିଲା। କାରଣ ପ୍ରତିଦିନ ମଲା ପକ୍ଷୀ ଅବା ଆହତ ପକ୍ଷୀଙ୍କ ସଂସ୍ପର୍ଶରେ ଆସିଲେ କାଳେ ପ୍ରିନ୍ସଙ୍କର କିଛି ଦେହ ଖରାପ ହେବ ସେ ଚିନ୍ତା ସେମାନଙ୍କର ଥିଲା। କିନ୍ତୁ ପ୍ରିନ୍ସଙ୍କର ପକ୍ଷୀଙ୍କ ପ୍ରତି ଏଭଳି ଭଲ ପାଇବା ଦେଖି ସେମାନେ ବି ନୀରବି ଯିବାକୁ ବାଧ ହେଲେ। କାରଣ ପ୍ରିନ୍ସ କହୁଥିଲେ, ''ମୁଁ ଯଦି କିଛି ଭଲ କାମ କରୁଛି, କାହାର ଉପକାରରେ ଆସୁଛି, ତା'ହେଲେ ମୋର କାହିଁକି କିଛି ଅସୁବିଧା ହେବ।'' ସତରେ ପ୍ରିନ୍ସଙ୍କର ଏହି ମହତ୍ କାର୍ଯ୍ୟ ଏ ସମାଜ ପାଇଁ ଏକ ଉଦାହରଣ।

**୧୫ଶହରୁ ଉର୍ଦ୍ଧ୍ୱ ଆହତ ପକ୍ଷୀଙ୍କର ଚିକିତ୍ସା କରିସାରିଥିବା ଦୁଇ ଭାଇ:** ଦିଲ୍ଲୀର **ଅମିତ ଜୈନ ଓ ଅଭିଷେକ ଜୈନ**, ସମ୍ପର୍କରେ ଦୁଇ ଭାଇ। ପେସାରେ ଅମିତ୍ ଜଣେ କେମିଷ୍ଟ ଏବଂ ଅଭିଷେକଙ୍କର ନିଜର ଏକ ଲୁଗା ଦୋକାନ ରହିଛି। ବିପଦରେ ପଡ଼ିଥିବା ଲୋକଙ୍କୁ ଯଥାସାଧ ସାହାଯ୍ୟ କରିବାର ମନୋବୃତ୍ତି ଏହି ଦୁଇଭାଇଙ୍କର ପିଲାଟି ଦିନରୁ ରହିଆସିଛି। କେବଳ ଅସହାୟ ଲୋକ ନୁହେଁ, ପଶୁପକ୍ଷୀଙ୍କ ପ୍ରତି ବି ସେମାନଙ୍କ ମନରେ ଯଥେଷ୍ଟ ଶ୍ରଦ୍ଧା ଭରି ରହିଛି। ୨୦୧୮ ମସିହାର ଏକ ଛୋଟ ଘଟଣା ଏହି ଦୁଇ ଭାଇଙ୍କ ଜୀବନକୁ ଏକ ଭିନ୍ନ ମୋଡ଼ ଦେଇଥିଲା। ଥରେ ଦୁଇ ଭାଇ ଏକାଠି ବସିଥିବା ବେଳେ ଦେଖିଲେ ଯେ, ନିକଟରେ ଥିବା ଏକ ବଡ଼ ଗଛର ଶୀର୍ଷ ଭାଗରେ କାଉଟିଏ କେମିତି କେଜାଣି ଜାଲରେ ଛନ୍ଦି ହୋଇ ଛଟପଟ ହେଉଛି। ତାକୁ ସେଠାରୁ ଉଦ୍ଧାର କରିବା ଦୁଇ ଭାଇଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ସେମାନେ ବିଳମ୍ବ ନ କରି ସାଙ୍ଗେ ସାଙ୍ଗେ ଏକ ଦମକଳ କେନ୍ଦ୍ରକୁ ଫୋନ୍ ଲଗାଇଲେ। ସେମାନେ ଆସି ବହୁ କଷ୍ଟରେ ଜାଲରେ ଛନ୍ଦି ହୋଇଥିବା କାଉଟିକୁ ଉଦ୍ଧାର କଲେ। ତା'ପରେ ଅମିତ ଓ ଅଭିଷେକ ମିଶି ସେହି କାଉଟିକୁ ପଶୁ ଡାକ୍ତରଖାନାକୁ ନେଇ ତା'ର ଚିକିତ୍ସା କରାଇଲେ। କାଉଟି ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ତା'ର ସବୁ ଭଲମନ୍ଦ ଦୁଇ ଭାଇ ବୁଝୁଥିଲେ। ଆଉ ଭଲ ହୋଇଯିବା ପରେ ଦୁଇ ଭାଇ ପୁଣି ତାକୁ ମୁକ୍ତ ଆକାଶକୁ ଉଡ଼ାଇଦେଲେ। ଏ ଘଟଣାଟି ଦୁଇ ଭାଇଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ସେବେଠାରୁ ସେମାନେ ନିଷ୍ପତ୍ତି ନେଲେ ଯେ, ଆହତ ପକ୍ଷୀଙ୍କର ସେମାନେ ମାଗଣାରେ ଚିକିତ୍ସା କରାଇବେ। ସେଥିପାଇଁ ସେମାନେ ଏକ ଟ୍ରଷ୍ଟ ବି ଗଢିଲେ ; ଆଉ ସେଥିରେ କେତେଜଣ ଭଲ୍ୟୁଣ୍ଟିଅର୍ସଙ୍କୁ ରଖିଲେ। ଦିଲ୍ଲୀର ବିଭିନ୍ନ ସ୍ଥାନରେ ଏହି ଭଲ୍ୟୁଣ୍ଟିଅରମାନେ ରହି ପକ୍ଷୀ ସୁରକ୍ଷା ପାଇଁ କାମ କଲେ। ପକ୍ଷୀଙ୍କୁ ଦାନା ଦେବା ତା' ସହିତ ବିପଦରେ ପଡ଼ିଥିବା ପକ୍ଷୀଙ୍କୁ ଉଦ୍ଧାର କରି ସେମାନଙ୍କର ଚିକିତ୍ସା କରାଇବାର କାମ ଏହି ଦୁଇ ଭାଇ ସମେତ ଭଲ୍ୟୁଣ୍ଟିଅର୍ସମାନେ ବି ବୁଝୁଥିଲେ। କିନ୍ତୁ ଏଥିପାଇଁ ଯାହାବି ଖର୍ଚ୍ଚ ହେଉଥିଲା ବା ହେଉଛି ସେ ସବୁ ଏହି ଦୁଇ ଭାଇ ହିଁ ନିଜ ରୋଜଗାରରୁ ତୁଲାଇ ଆସୁଛନ୍ତି। ଦୁଇ ଭାଇଙ୍କର ଏଭଳି ପ୍ରୟାସ ପାଇଁ ଏଯାବତ୍ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଆହତ ପକ୍ଷୀଙ୍କୁ ନୂଆ ଜୀବନ ମିଳିସାରିଲାଣି। କେବଳ ପକ୍ଷୀ କାହିଁକି ବିପଦରେ ପଡିଥିବା କୌଣସି ପଶୁଙ୍କୁ ବି ଦେଖିଲେ ସେମାନଙ୍କୁ ସାହାଯ୍ୟ କରିବାକୁ ଏହି ଦୁଇ ଭାଇ ସବୁବେଳେ ପ୍ରସ୍ତୁତ ରହିଥାନ୍ତି।

**ସବୁଠାରୁ ବଡ଼ ବାର୍ଡ ଫିଡର୍ ତିଆରି କରିଥିବା ବ୍ୟକ୍ତି**

ଆମ ଭିତରୁ ଅନେକେ ଅଛନ୍ତି, ଯେଉଁମାନେ ନିଜ ବାଲକୋନି ହେଉ କି ଛାତ ଉପରେ ପକ୍ଷୀଙ୍କ ଖାଇବା ପାଇଁ ଦାନା ଓ ପାଣିର ବ୍ୟବସ୍ଥା କରାଇଥାନ୍ତି। ବାର୍ଡ ଫିଡର୍ (ପକ୍ଷୀଙ୍କ ଖାଇବା ପାଇଁ ଯେଉଁ ଡବା କିମ୍ବା ପାତ୍ରରେ ଦାନା ରଖି ତାହାକୁ କୌଣସି ଜାଗାରେ ଟଙ୍ଗାଯାଏ ; ଆଉ ଯାହାକୁ ପକ୍ଷୀ ସହଜରେ ଦେଖିପାରି ସେଥିରୁ ଆସି ଖାଦ୍ୟ ଖାଇଥାନ୍ତି) ମଧ ଟଙ୍ଗାଇଥାନ୍ତି। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ମହାରାଷ୍ଟ୍ରର ପିପଲ ଗାଁରେ ରହୁଥିବା **ହରେଶ ଶାହ** ହେଉଛନ୍ତି ଏମିତି ଜଣେ ବ୍ୟକ୍ତି ; ଯିଏ କି ସବୁଠାରୁ ବଡ଼ ବାର୍ଡ ଫିଡର୍ ତିଆରି କରି ନିଜ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ଦେବାରେ ସକ୍ଷମ ହୋଇପାରିଛନ୍ତି। ହରେଶଙ୍କର ସେମିତି ବେଶି କିଛି ଧନସମ୍ପତ୍ତି ନାହିଁ, କିନ୍ତୁ ଅସହାୟ ଜୀବଙ୍କ ପ୍ରତି ଦୟାଭାବ ତାଙ୍କୁ ମନରେ ଖୁବ୍ ଧନୀ କରିଦେଇଛି। ପିଲାଦିନେ ହରେଶଙ୍କର ବାପା କ'ଣ ଗୋଟେ ଛୋଟ ଚାକିରି କରି ଏବଂ ମା' ଖାଖରା ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ। ମାଟ୍ରିକ୍ ପାସ୍ କରିବା ପରେ ହରେଶ ବି ମା'ଙ୍କ ସାଙ୍ଗେ ମିଶି ଖାଖରା ବିକିବା କାମ କଲେ। ଥରେ ଜଣେ ଗ୍ରାହକ ହରେଶଙ୍କୁ ତାଙ୍କ ଗହଣା ଦୋକାନରେ ଆସି କାମ କରିବାକୁ ପ୍ରସ୍ତାବ ଦେଲେ। ଉକ୍ତ ଗହଣା ବ୍ୟବସାୟୀ ଜଣକ ଜଣେ ପ୍ରାଣୀ ପ୍ରେମୀ ବି ଥିଲେ। ସେ ପ୍ରତିଦିନ ପ୍ରାୟ ୩୦ ହଜାର ଟଙ୍କା ଗୋଶାଳାରେ ରହୁଥିବା ଗାଈମାନଙ୍କ ପିଛାରେ ଖର୍ଚ୍ଚ କରୁଥିବାର ହରେଶ ଲକ୍ଷ୍ୟ କରୁଥିଲେ। ତାଙ୍କଠାରୁ ପ୍ରେରଣା ପାଇ ହରେଶ ବି ପ୍ରାଣୀମାନଙ୍କ ପାଇଁ କିଛି କରିବାକୁ ଚାହୁଁଥିଲେ। କିନ୍ତୁ ତାଙ୍କ ପାଖରେ ଏତେ ଟଙ୍କା ନ ଥିଲା। ସେହି ସମୟରେ ତାଙ୍କ ମୁଣ୍ଡକୁ ବାର୍ଡ ଫିଡର୍ ତିଆରି କରିବାର ଉପାୟ ଆସିଲା। ପ୍ରଥମେ ସେ କିଛି ନମୁନା ପ୍ରସ୍ତୁତ କରି ସେଥିରେ ଦାନା ରଖି ନିଜ ଗାଁର ବିଭିନ୍ନ ସ୍ଥାନରେ ଟଙ୍ଗାଇଲେ। ତାହା ମନଲାଖି ଓ ପକ୍ଷୀଙ୍କୁ ଆକୃଷ୍ଟ କରୁଥିବାରୁ ସେ ଗହଣା ମାଲିକଙ୍କଠାରୁ ୩୫ ହଜାର ଟଙ୍କା ଧାରରେ ଆଣି ସୁନ୍ଦର ସୁନ୍ଦର ବାର୍ଡ ଫିଡର୍‌ମାନ ତିଆରି କରି ତାକୁ ବିକିବାକୁ ଗଲେ। ଯାହା ଲାଭ ହେଉଥିଲା ସେଥିରେ କରଜ ଶୁଝୁଥିଲେ। କରଜ ଶୁଝିବା ପର୍ଯ୍ୟନ୍ତ ସେ ଗହଣା ଦୋକାନରେ କାମ କରୁଥିଲେ ଆଉ ତା'ସହ ବାର୍ଡ ଫିଡର୍ ତିଆରି କରି ମଧ ବିକୁଥିଲେ। ୨୦୧୪ ମସିହାରେ ତାଙ୍କର ସମ୍ପୂର୍ଣ୍ଣ କରଜ ଶୁଝିଯିବାରୁ ସେ ଚାକିରି ଛାଡ଼ି ବାର୍ଡ ଫିଡର୍ ଓ ତା'ସାଙ୍ଗକୁ ଖୁବ୍ ସୁନ୍ଦର ସୁନ୍ଦର ପକ୍ଷୀବସା ତିଆରି କରି ବିକିଲେ। ସମୟାନୁସାରେ, ତାଙ୍କ ହାତ ତିଆରି ବାର୍ଡ ଫିଡର୍ ଓ ପକ୍ଷୀବସା ଭଲ ବିକ୍ରି ହେଲା। ଏକକାଳୀନ ୧ କିଗ୍ରା, ୨ କିଗ୍ରା, ୫ କିଗ୍ରା ପକ୍ଷୀଙ୍କ ଦାନା ରହିପାରିବା ଭଳି ସେ ଅନେକ ବାର୍ଡ ଫିଡର୍ ତିଆରି କରି ବିକ୍ରି କରିସାରିଥିଲେ ବି ତାଙ୍କ ମନରେ ଗୋଟେ ଅବସୋସ ରହୁଥିଲା। ସେ କିଛି ଭିନ୍ନ କରିବାକୁ ଚାହୁଁଥିଲେ। ଏହି →




ପ୍ରିନ୍ସ ମେହରା

ସମୟରେ ସେ ଜାଣିବାକୁ ପାଇଲେ ଯେ, ୩୪୫ କି.ଗ୍ରା ଓଜନ ବିଶିଷ୍ଟ ଏକ ବାର୍ଡ ଫିଡର୍ ତିଆରି କରି କେହି ଜଣେ ରେକର୍ଡ କରିଛନ୍ତି। ତେଣୁ ସେ ୫୦୦ କି.ଗ୍ରା ଓଜନ ବିଶିଷ୍ଟ ବାର୍ଡ ଫିଡର୍ ତିଆରି କରିବାକୁ ଚିନ୍ତା କରି ସେହି ଦିଗରେ ଆଗେଇଲେ। ହେଲେ କାର୍ଯ୍ୟ ସମାପ୍ତ ବେଳକୁ ଜଣାଗଲା ଯେ, ତାଙ୍କ ହାତ ତିଆରି ବାର୍ଡ ଫିଡର୍‌ଟି କୁଆଡ଼େ ୭୦୦ କି.ଗ୍ରାରୁ ଅଧିକ ଓଜନ ବିଶିଷ୍ଟ ହୋଇଯାଇଛି। ଯେଉଁଥିରେ ଏକକାଳୀନ ୭୦୦ କି.ଗ୍ରାର ଦାନା ରହିପାରିବ ଏବଂ ଏକାଥରେ ଶତାଧିକ ପକ୍ଷୀ ବସି ଆରାମରେ ଦାନା ଖାଇପାରିବେ। ଶେଷରେ ହରେଶଙ୍କର ଏତେ ଦିନର ପରିଶ୍ରମକୁ ଏକ ନୂଆ ସମ୍ମାନ ମିଳିଲା ଆଉ ତାଙ୍କର ଏହି ୭୦୦ କି.ଗ୍ରାର ବାର୍ଡ ଫିଡର୍‌ଟି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନ ପାଇଲା। ହରେଶଙ୍କର ଏହି ବିଶାଳକାୟ ବାର୍ଡ ଫିଡର୍‌ଟିରୁ ଏବେ ପ୍ରତିଦିନ ଦୁଇରୁ ଅଢ଼େଇ ହଜାର ପକ୍ଷୀ ଆସି ଦାନା ଖାଉଛନ୍ତି ; ଯାହାର ସମସ୍ତ ଖର୍ଚ୍ଚ ହରେଶ ନିଜେ ହିଁ ବହନ କରୁଛନ୍ତି।

**୪୫ ବର୍ଷରୁ ଉର୍ଦ୍ଧ୍ୱ ହେବ ପକ୍ଷୀମାନଙ୍କୁ ଦାନା ଓ ପାଣି ଦେଉ ଆସୁଥିବା ବ୍ୟକ୍ତି:** ଦିଲ୍ଲୀର **ଜବାହର ଲାଲ** ହେଉଛନ୍ତି ଏମିତି ଜଣେ ବଦାନ୍ୟ ବ୍ୟକ୍ତି ଯିଏକି ୪୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ହେବ ଶହ ଶହ ସଂଖ୍ୟାରେ ପକ୍ଷୀମାନଙ୍କୁ ଦାନା ଓ ପାଣି ଯୋଗାଇ ଆସୁଛନ୍ତି। ଦିଲ୍ଲୀର ମହରୌଲୀରେ ଜବାହରଙ୍କ ଘର। ତାଙ୍କୁ ଯେତେବେଳେ ମାତ୍ର ୧୯/୨୦ ବର୍ଷ ବୟସ ହୋଇଥିଲା ସେ ପ୍ରାଣୀଙ୍କ ପ୍ରେମରେ ପଡିଗଲେ। ଯେଉଁଠି ବି କୌଣସି ଅସହାୟ, ଭୋକିଲା ପ୍ରାଣୀଙ୍କୁ ସେ ଦେଖୁଥିଲେ ସଙ୍ଗେ ସଙ୍ଗେ ନିଜ ସାଧ୍ୟମତେ ତାଙ୍କୁ ଖାଇବାକୁ ଦେଉଥିଲେ। ପରେ ପରେ ଏହା ତାଙ୍କର ଅଭ୍ୟାସରେ ପଡିଗଲା। ଘର ନିକଟରେ ଥିବା ଆର୍କିଓଲଜିକାଲ୍ ପାର୍କକୁ ବହୁ ସଂଖ୍ୟାରେ ପକ୍ଷୀ ଆସୁଥିବାର ସେ ଦେଖୁଥିଲେ। ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ ତାଙ୍କୁ ଖୁବ୍ ମୋହିତ କରୁଥିଲା। ସେମାନେ ଖାଦ୍ୟ ଅନ୍ବେଷଣରେ ଡହଳବିକଳ ହେଉଥିବାର ଦେଖି ଜବାହର କିଛି ଦାନା ନେଇ ସେମାନଙ୍କୁ ଖାଇବାକୁ ଦେଲେ। ଅଳ୍ପ କିଛି ମୁହୂର୍ତ୍ତ ଭିତରେ ସେମାନେ ସବୁ ଦାନାକୁ ଖାଇ ଶେଷ କରିଦେଲେ। ଏସବୁକୁ ଲକ୍ଷ୍ୟ କରି ଜବାହରଙ୍କୁ ଖୁବ୍ ବିକଳ ଲାଗିଲା। ସେ ଘରୁ ପ୍ରତିଦିନ କିଛି କିଛି ଦାନା ନେଇ ସେମାନଙ୍କୁ ଖାଇବାକୁ ଦେଲେ। ଘରେ ତାଙ୍କୁ ବିରକ୍ତ ହେଲେ। ତା'ପରେ ସେ ନିଜ ରୋଜଗାରରେ ଏହି ପକ୍ଷୀମାନଙ୍କୁ ଖାଇବାକୁ ଦେବା ପାଇଁ ଏକ ସେଲୁନ୍‌ରେ କାମ କରିବାକୁ ଲାଗିଲେ। ସେଠୁ ଯାହାବି ରୋଜଗାର ହେଲା ସେଥିରୁ ନିଜ ଖର୍ଚ୍ଚ ପାଇଁ କିଛି ରଖି ବାକି ଟଙ୍କାରେ ଦାନା କିଣି ଏହି ପକ୍ଷୀମାନଙ୍କୁ ଖାଇବାକୁ ଦେଲେ। ସେବେଠାରୁ ତାଙ୍କର ଏହି ଧାରା ଚାଲୁ ରହିଲା। କ୍ରମେ ଜବାହର ବାହା ହେଲେ ତାଙ୍କର ତିନୋଟି ପିଲା ହେଲେ। ଘର, ପରିବାରର ବୋଝ ବଢିଲା। ସବୁ କଥା ବୁଝି ବି ତା'ରି ଭିତରୁ ସମୟ ବାହାର କରି ପ୍ରତିଦିନ କିଛି ସମୟ ପାଇଁ ଜବାହର ଉକ୍ତ ଆର୍କିଓଲଜିକାଲ୍ ପାର୍କକୁ ଯାଉଥିଲେ ଆଉ ପକ୍ଷୀମାନଙ୍କୁ ଦାନା ପାଣି ଦେଇ ପୁଣି ନିଜ କାମକୁ ଫେରି ଆସୁଥିଲେ। ଖରା, ବର୍ଷା, ଶୀତ, କାକର ଏମିତି ଗୋଟେ ବି ଦିନ ନାହିଁ, ଯେଉଁଦିନ ଜବାହର ଏହି ପକ୍ଷୀମାନଙ୍କୁ ଖାଇବାକୁ ଦେବାକୁ ଯାଇ ନାହାନ୍ତି। ପକ୍ଷୀମାନେ ବି ଜବାହରଙ୍କ ଆସିବା ବାଟକୁ ଚାତକ ପରି ଚାହିଁ ରହିଥାନ୍ତି। ଜବାହରଙ୍କ ବୟସ ଯେତିକି ବଢୁଥିଲା ସେହି ଅନୁଯାୟୀ, ପାର୍କରେ ପକ୍ଷୀମାନଙ୍କ ସଂଖ୍ୟା ବଢୁଥିଲା। ଜବାହରଙ୍କ ପ୍ରତିଦିନ ସକାଳୁ କାମ ହେଲା ହାତରେ ୫ କି.ଗ୍ରା ପକ୍ଷୀଙ୍କ ଦାନା ଓ ୧୦ ଲିଟର ପାଣି ଧରି ଉକ୍ତ ପାର୍କକୁ ଯିବା ଏବଂ ପାର୍କର ସବୁ କୋଣରେ ଦାନା ଓ ପାଣି ପକ୍ଷୀଙ୍କ ଖାଇବା ପାଇଁ ସାଇତି ରଖିବା। ପକ୍ଷୀମାନଙ୍କ କଥା ପ୍ରଥମେ ବୁଝିସାରିଲା ପରେ ଘରକୁ ଫେରି ଗାଧୋଇ ପାଧୋଇ ସେ ତାଙ୍କ କାମକୁ ଯାଆନ୍ତି। ଏହା ଯେମିତି ତାଙ୍କର ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଯାଇଛି। ଏ ନେଇ ଜବାହରଙ୍କ ମତ ହେଲା, 'ପକ୍ଷୀମାନେ ନୀରିହ। ଆମେ ଯଦି ସେମାନଙ୍କ କଥା ନ ବୁଝିବା ତା'ହେଲେ ସେମାନଙ୍କ କଥା କିଏ ବୁଝିବ। ଯଦି ଜୀବନରେ କାହା ପାଇଁ କିଛି ଭଲ କାମ କରିଥିବ, ତା'ହେଲେ ଭଗବାନ ବି ତୁମ ପାଇଁ ସେମିତି କିଛି ଖଞ୍ଜିଥିବେ।' ସତରେ ଜବାହରଙ୍କ ଏହି ଚିନ୍ତାଧାରା ଆଜିର ଏ ସମାଜ ପାଇଁ ଏକ ପ୍ରେରଣା।

**୨୫୦୦ଟି ଛୋଟ ବଡ଼ ମାଠିଆକୁ ଯୋଡି ସୁନ୍ଦର ପକ୍ଷୀଘର ତିଆରି କରିଥିବା ବ୍ୟକ୍ତି:** ଗୁଜରାଟର ଜଣେ ପକ୍ଷୀପ୍ରେମୀ ହେଲେ **ଭଗବାନଜୀ ଭାଇ**। ପେଶାରେ ସେ ଜଣେ କୃଷକ। ପକ୍ଷୀଙ୍କ ପ୍ରତି ତାଙ୍କର ରହିଛି ଅତୁଟ ଭଲପାଇବା। ସେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପକ୍ଷୀଙ୍କୁ ଦାନା ଖାଇବାକୁ ଦିଅନ୍ତି। ଏହା ତାଙ୍କର ବହୁ ଦିନର ଅଭ୍ୟାସ। ଏଥିରୁ ତାଙ୍କୁ ଆତ୍ମତୃପ୍ତି ମିଳେ। ଦିନେ ସେ ଚିନ୍ତା କଲେ, ଯେଉଁ ପକ୍ଷୀମାନଙ୍କୁ ସେ ଖାଇବାକୁ ଦେଉଛନ୍ତି, ସେମାନେ ବର୍ଷାଦିନେ କ'ଣ କରୁଛନ୍ତି। ସେମାନେ ତିଆରି କରିଥିବା ବସା ବର୍ଷା ପବନରେ ଭାଙ୍ଗି ଯାଉନି ତ! ସେମାନେ ବର୍ଷାରେ ହଇରାଣ ହେଉ ନାହାନ୍ତି ତ! ସେମାନଙ୍କୁ ଖାଇବାକୁ ଯଦି ମୁଁ ଗଣ୍ଡେ ଦେଇପାରୁଛି, ତା'ହେଲେ ସେମାନଙ୍କ ପାଇଁ ମୁଁ କ'ଣ ସ୍ଥାୟୀ ବାସଘରଟିଏ ତିଆରି କରିପାରିବି ନାହିଁ। ବହୁ ଚିନ୍ତା କରିବା ପରେ ତାଙ୍କ ମୁଣ୍ଡକୁ ଏକ ଉପାୟ ଆସିଲା। ସେ ମାଠିଆକୁ ବ୍ୟବହାର କରି ପକ୍ଷୀମାନଙ୍କ ପାଇଁ ସୁନ୍ଦର ପକ୍ଷୀଘର ତିଆରି କରିବାକୁ ଚିନ୍ତା କଲେ। ନିଜ ଜମିରେ ବଡ଼ ବଡ଼ ଲୁହା ଖୁଣ୍ଟିମାନ ବସାଇ, ସେଥିରେ ତାରମାନ ଛନ୍ଦି, ପ୍ରାୟ ୨୫୦୦ଟି ମାଠିଆକୁ ଏମିତି ଭାବେ ସେଥିରେ ଖଞ୍ଜିଲେ ଯେ, ଯଦ୍ୱାରା ହଜାର ହଜାର ସଂଖ୍ୟାରେ ପକ୍ଷୀ ଏକକାଳୀନ ଆସି ଏଥିରେ ବସାବାନ୍ଧି ଆରାମରେ ରହିପାରିବେ। ପ୍ରାୟ ୧୪୦ ଫୁଟ ଲମ୍ବା ଓ ପ୍ରାୟ ୪୦ ଫୁଟ ଉଚ୍ଚ ବିଶିଷ୍ଟ ମାଠିଆର ଏହି ବିଶାଳକାୟ ପକ୍ଷୀଘରକୁ ଦେଖିବାକୁ ଦୂରଦୂରାନ୍ତରୁ ଲୋକମାନେ ଆସିଲେ। ଆଉ ଏଭଳି ଏକ ପକ୍ଷୀ ଘର ତିଆରି କରିବା ପଛରେ ଭଗବାନଜୀଙ୍କର ମହତ ଉଦ୍ଦେଶ୍ୟକୁ ଯେତେବେଳେ ସମସ୍ତେ ଜାଣିଲେ, ସମସ୍ତେ ତାଙ୍କୁ ପ୍ରଶଂସା କଲେ। ଏବେ ଏହି ବିଚିତ୍ର ପକ୍ଷୀ ଘରଟି ଭଗବାନଜୀ ଭାଇଙ୍କ ଗାଁର ମୁଖ୍ୟ ଆକର୍ଷଣର କେନ୍ଦ୍ର ପାଲଟିଯାଇଛି।


ଭଗବାନଜୀ ଭାଇଙ୍କ ଦ୍ୱାରା ନିର୍ମିତ ପକ୍ଷୀଘର

କେବଳ ଏମାନେ ନୁହନ୍ତି, ଏମାନଙ୍କ ଭଳି ଆହୁରି ଅନେକ ପକ୍ଷୀପ୍ରେମୀ ବି ଅଛନ୍ତି ; ଯେଉଁମାନଙ୍କ ହୃଦୟ ପକ୍ଷୀମାନଙ୍କ ପାଇଁ ଡହଳବିକଳ ହୁଏ। ଆଉ ସେମାନେ ନିଜ ଖର୍ଚ୍ଚରେ ପକ୍ଷୀମାନଙ୍କ ସୁବିଧା ପାଇଁ ଏମିତି କିଛି କାମ କରିଯାନ୍ତି ; ଯାହା ସେମାନଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରେ।

–ଅନ୍ୱିତା ମିଶ୍ର


ଅମିତ ଜୈନ ଓ ଅଭିଷେକ ଜୈନ


ପ୍ରିନ୍ସ ମେହରା



# ପିଲାମାନେ ମୋ ଲେଖିବାର ପ୍ରେରଣା




**ସ୍କୁ**ଲ ଜୀବନରେ କେବେ ନଈକୂଳେ ତ ପୁଣି କେବେ ଗାଁ ଭାଗବତ ଘରେ, ତାଙ୍କର ଜମୁଥିଲା ସାହିତ୍ୟ ଆସର। ଦୀର୍ଘ ୩ଦଶନ୍ଧି ମଧ୍ୟରେ ତାଙ୍କ ଲେଖନୀ ମୁନରେ ଫୁଟି ଉଠିଛି ଏକାଧିକ ଗପ, କବିତା, ପ୍ରବନ୍ଧ, ଉପନ୍ୟାସ, ନାଟକ, ଜୀବନୀ ଓ ଭ୍ରମଣ କାହାଣୀ, ଯାହା ପ୍ରାୟ ୨୪ଖଣ୍ଡ ପୁସ୍ତକ ଆକାରରେ ପ୍ରକାଶିତ। ସେ ଏକ ଧାରରେ ଜଣେ ଶିଶୁ ସାହିତ୍ୟିକ, ସ୍ତମ୍ଭକାର, ପ୍ରାବନ୍ଧିକ ଓ ଶିକ୍ଷାବିତ। ସେ ହେଲେ **ଡ. ଶରତ କୁମାର ବିଶ୍ୱାଳ**। ଜନ୍ମ ତା୨୬।୧୦।୧୯୫୩ରେ। ମାତା ଫୁଲ ଦେବୀ ଓ ପିତା ନରହରି ବିଶ୍ୱାଳ। ଘର ଯାଜପୁର ଜିଲାର  ରଷିପୁର ଗ୍ରାମରେ। ସେ କୁହନ୍ତି, 'ମୋ ଗାଁ ତିନିପାଖେ ନଈ। ଗାଁର ଶେଷମୁଣ୍ଡରେ ଖରସ୍ରୋତା ନଦୀର ଶାଖା ଯାହା ତନ୍ତିଘାଇ ନାଁରେ ପରିଚିତ। ନଈପଠାରେ ଆମ୍ବ ବଗିଚା। ତା'ର ପ୍ରାକୃତିକ ପରିବେଶରେ ମୋ ପିଲାଦିନ  ବିତିଛି, ଯାହା ମତେ ଲେଖିବାକୁ ଖୋରାକ ଦେଇଛି। ଘରେ ଆମେ ପାଞ୍ଚ ଭାଇ, ଗୋଟିଏ ଭଉଣୀ। ବାପା କୋଲକାତା ଲୁଗାକଳରେ ଚାକିରି କରୁଥିଲେ। ବୋଉ ଘର ସମ୍ଭାଳିଥାଏ। ମୋର ପାଠପଢା ହୁଏ ଯାଜପୁର ଜିଲାର ରଷିପୁର ପ୍ରାଥମିକ ସ୍କୁଲରୁ। ପରେ ଏନ୍‌ସି କଲେଜ, ଭଦ୍ରକ କଲେଜ। ତା'ପରେ ରେଭନ୍ସାରୁ ଏମ୍.ଏସ୍‌ସି ପାସ୍ କଲି। ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କଲି। ୧୯୭୮ମସିହାରେ ରିଜିଓନାଲ କଲେଜ ଅଫ୍ ଏଜୁକେସନ୍, ଭୁବନେଶ୍ୱରରେ ଚାକିରି କଲି। ପୁଣି ଓଇଏସ୍ ପାଇ ଶିକ୍ଷା କ୍ଷେତ୍ରରେ ପ୍ରଶାସନିକ ଦାୟିତ୍ୱରେ ରହିଲି।  ୨୦୧୧ରୁ ଗଣଶିକ୍ଷା ନିର୍ଦ୍ଦେଶକ ପଦବୀରୁ ଅବସର ନେଇ ସାରିଲିଣି। ପିଲାଙ୍କ ପାଠପଢ଼ା ଦାୟିତ୍ୱ ରହିଥିବାରୁ ବହୁ ପିଲାଙ୍କ ସହିତ ମିଶିବାର ସୁଯୋଗ ପାଇଛି। ଯେଉଁଥିପାଇଁ ମତେ ପିଲାଙ୍କ ପାଇଁ ଲେଖିବାକୁ ଇଚ୍ଛା ହେଲା। ୧୯୮୯ ମସିହାରୁ ଶିଶୁ ସାହିତ୍ୟ  ରଚନା କରି ଆସୁଛି। ଜଙ୍ଗଲର  ଡାକ,  ଘର ବୈକୁଣ୍ଠ, ଭୂତ ଖାଇଲା କଦଳୀ, ଗାଁ ଭୂଇଁ ଆମ ସରଗ, ଆସ ରଖିବା ମନେ, ବିଜ୍ଞାନର ପ୍ରଗତି ଓ ଅଶାନ୍ତ ପ୍ରକୃତି, ଜଙ୍ଗଲ ଆଖିରେ ଲୁହ, ସଭିଏଁ ପଢିବେ ପାଠ,



ଭିତର କନିକାରେ ଦିନେ, କୁହୁକ ଅଣ୍ଡା, ବସିଖାଇଲେ ନଈବାଲି ସରେ,ଗାଁ ପିଲାଦିନ ଗାଁର ଗୀତ, ଓଡ଼ିଆ ଶିଶୁ ସାହିତ୍ୟର ଦିଗ ଦିଗନ୍ତ, ମିତ ପାଇଁ ପରିବେଶ ଗୀତ, ସୁନା ଦୀପ ଲିଭିଗଲା, ଭେରୀ ତୂରୀ କାହାଳୀ, ଗୀତରେ ଗୀତରେ ଜଙ୍ଗଲ କଥା, କେତେଗପ କେତେ କଥା, ବିଜ୍ଞାନ ପେଡ଼ିରୁ କେତୋଟି କଥା, କଇଁଚ କାଢିଛି ବେକ, ଟିକି ଗଛ ମିଟିମିଟି ଚାହିଁଲା ଆଦି ୨୫ଟି ପୁସ୍ତକ ଲେଖିଛି। ଇଂଲିଶ ଭାଷାରେ ମଧ୍ୟ ବହୁ ପ୍ରବନ୍ଧ ଲେଖିଛି। ଆକାଶବାଣୀ ଓ ଦୂରଦର୍ଶନରେ ଶିଶୁ ସାହିତ୍ୟ  ସମ୍ପର୍କିତ କାର୍ଯ୍ୟକ୍ରମରେ ଯୋଗଦିଏ। ମୁଁ ଏକାମ୍ର ଶିଶୁ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ମଧ। ପିଲାଦିନର କଥାଟିଏ ମନେପଡୁଛି । ୨ୟ ଶ୍ରେଣୀରେ ପଢୁଥାଏ। ଥରେ ଖେଳଛୁଟି ସମୟରେ  ଆମ୍ବତୋଟା ଦେଇ ଘରକୁ ଫେରୁଥାଉ। ସାଥୀ ହୋଇ ଆସୁଥିବା ସାଙ୍ଗମାନେ ଏକାଠି ଠିଆହେଲୁ। ଆମ୍ବଗଛରେ ପେଣ୍ଡାପେଣ୍ଡା ଆମ୍ବ ପବନରେ ଦୋହଲୁ ଥିଲା। ସାଙ୍ଗମାନେ ଆମ୍ବ ଖାଇବାକୁ କହିଲେ କିନ୍ତୁ  ଆମ୍ବ ତୋଳିବୁ କିପରି । କେତେଜଣ ସାଙ୍ଗ ଆମ୍ବ ଝଡ଼େଇବା ପାଇଁ ଆମ୍ବକୁ ଲକ୍ଷ୍ୟକରି ଟେକାମାରିଲେ ହେଲେ ଗୋଟିଏ ଆମ୍ବ ଖସିଲା ନାହିଁ। ଆମ୍ବ ଖାଇବାକୁ ତ ମନରେ ପ୍ରବଳ ଇଚ୍ଛା ଶେଷକୁ କେତେଜଣ ସାଙ୍ଗଙ୍କ କାନ୍ଧରେ ଭରାଦେଇ  ମୁଁ ଗଛ ଉପରକୁ ଚଢ଼ିଗଲି। ଭୟ ଲାଗୁଥିଲେ ବି ଡାଳକୁ ଧରିଧରି ଆମ୍ବ ତୋଳିଲି। ଏହି ସମୟରେ କିଏ ସ୍କୁଲରେ ଯାଇ ଶିକ୍ଷକଙ୍କୁ କହିଦେଲା। ଶିକ୍ଷକ ହାତରେ ଏକ ଲମ୍ବା ବେଗୁନିଆ ବାଡି ଧରି ଆମ୍ବଗଛମୂଳେ ଆସି ପହଞ୍ଚିଗଲେ। ସେକଥା ମୋତେ ଜଣା ନ ଥାଏ। କିନ୍ତୁ ସାଙ୍ଗମାନେ ସାରଙ୍କୁ ଦେଖି ଯିଏ ଯୁଆଡ଼େ ଦୌଡ଼ି ପଳାଇଲେ। ମୁଁ କେବଳ ଗଛରେ ଆମ୍ବ ତୋଳା ନିଶାରେ ରହିଥାଏ। କିଛି ସମୟ ପରେ ତଳକୁ ଚାହିଁଲି। ଗଛମୂଳେ କେହି ସାଙ୍ଗ ଆଉ ନାହାନ୍ତି। କେବଳ ସାରେ ମୋତେ ଗଛରୁ ଧୀରେ ଧୀରେ ଓହ୍ଲେଇବାକୁ ନିର୍ଦ୍ଦେଶ ଦେଉଥାନ୍ତି। ସେତେବେଳେ ମନରେ ପ୍ରବଳ ଭୟଥାଏ। କିପରି ସାରଙ୍କ ମାଡ଼ରୁ ରକ୍ଷା ପାଇବି ମୋର ଚିନ୍ତା ବଢ଼ିଯାଇଥାଏ। ଗଛରୁ ଓହ୍ଲାଇ ତଳକୁ ଗଲେ ତ  ସାରେ ନିଶ୍ଚୟ ପିଟିବେ। ଏମିତି ପରିସ୍ଥିତରେ ଧୀରେଧୀରେ ଗଛରୁ ଓହ୍ଲାଉଥାଏ। ଗଛରୁ ତଳ ଆଉ ଅଳ୍ପ ଉଚ୍ଚତା ହେବ। ହଠାତ ଗଛଡ଼ାଳରୁ ଗଛପାଖରେ ଥିବା ଏକବୁଦାକୁ ଡେଇଁପଡ଼ି ଖୁବ ଜୋରରେ ଦୌଡ଼ି ଘରକୁ ପଳାଇଥିଲି। ସେତେବେଳେ କେଉଁଠୁ ଏତେ ବଳ ଆସିଲା ଜଣା ନ ଥିଲା । କିନ୍ତୁ ଗଛରୁ ଡ଼େଇଁ ପଡ଼ିଥିବାରୁ କାଳେ ମୋର କିଛି କ୍ଷତି ହୋଇଥିବ ସେଥିପାଇଁ ସାରେ ଘରକୁ ଆସି ମୋର ଖବର ନେଇଥିଲେ। ତା'ପର ଦିନ ସ୍କୁଲକୁ ଆସିଲି ହେଲେ ସାରେ ଆଉ ମୋତେ ମାଡ଼ମାରି ନ ଥିଲେ ଠିଆ କରାଇଥିଲେ।  ଗଛରେ ନ ଚଢିବାକୁ ବାରଣ କରିଥିଲେ। ଭଲପଢ ଭଲଲେଖ ବୋଲି କହିଥିଲେ। ସେଦିନର କଥାକୁ ନେଇ ଗପଟିଏ ଲେଖିଥିଲି। ସେବେଠୁ ମୋର ଲେଖାଲେଖି ଚାଲିଛି। ଆଉ ପଛକୁ ଚାହିଁନି।

ତାଙ୍କ ସୃଜନଶୀଳତା ପାଇଁ ସେ ଅନେକ ସମ୍ମାନରେ ସମ୍ମାନିତ। ଯାହା ମଧରେ ରହିଛି– ଝୁମୁକାସମ୍ମାନ, ରାଜଧାନୀ ପୁସ୍ତକମେଳା ସମ୍ମାନ, ଡ. ହରେକୃଷ୍ଣ ଜୟନ୍ତୀ ସମ୍ମାନ, ଓଡ଼ିଶା ବିଜ୍ଞାନ ଏକାଡେମୀ ସମ୍ମାନ, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ ସମ୍ମାନ, ଭଣ୍ଡାରିପୋଖରୀ ସାହିତ୍ୟ ସଂସଦ ସାରସ୍ୱତ ସମ୍ମାନ, ସୁରେନ୍ଦ୍ର ମହାନ୍ତି ସାହିତ୍ୟ ସମ୍ମାନ, ଶିକ୍ଷାଜ୍ୟୋତି ସମ୍ମାନ, ଜୟଦେବ ସମ୍ମାନ ଓ ଓଡ଼ିଶା ସାହିତ୍ୟ ଏକଡେମୀ ସାରସ୍ୱତ ସାଧକ ସମ୍ବର୍ଦ୍ଧନା ଆଦି। ପତ୍ନୀ ବୀଣାପାଣି ଓ ତିନି ଝିଅଙ୍କ ସହ ଏବେ ବି ସେ ଯୌଥ ପରିବାରରେ ରହୁଛନ୍ତି। ଏବଂ ସମସ୍ତେ ତାଙ୍କ ଲେଖିବା କ୍ଷେତ୍ରରେ  ପ୍ରେରଣା ଦେଇ ଆସୁଛନ୍ତି ବୋଲି ସ୍ୱୀକାର କରନ୍ତି।

–ବନବିହାରୀ ବେହେରା






## ଶେଷ ଦେଖା

–ଗିରିଜା ଶଙ୍କର ମିଶ୍ର

ତମ ସାଙ୍ଗେ ମୋର ସେଇ ଶେଷଦେଖା
କୃଷ୍ଣଚୂଡ଼ା ଗଛ ତଳେ
ସଞ୍ଜ ନଇଁଗଲା ବେଳେ
ଦୂର ଦିଗନ୍ତରେ ଭାଲେରୀ ଉହାଡେ
ଭାନୁ ଥିଲେ ଅସ୍ତାଚଳେ ।
ମନରେ ନ ଥିଲା ସରାଗ ତୁମର
ସାକ୍ଷୀ ଥିଲେ ଦୁଇ ଆଖି
ଅକୁହା ବେଦନା ନକହି ଫେରିଲ
ମନରେ କିନ୍ତୁ ରଖି ।
ଉଦାସ ଗୋଧୂଳି ଲୁହ ପୋଛୁଥିଲା
ମଥା ରଖି ସଞ୍ଜ କୋଳେ
ଶଶୀ ଖୋଜୁଥିଲା ନିଜର ଠିକଣା
ଆକାଶେ ତାରାଙ୍କ ମେଳେ।
ପାଖ ମନ୍ଦିରରୁ ଶୁଭୁଥିଲା ଶଙ୍ଖ
ସଞ୍ଜ ନଇଁ ଗଲାବେଳେ।
ତମ ସାଙ୍ଗେ ମୋର ସେଇ ଶେଷଦେଖା
କୃଷ୍ଣଚୂଡ଼ା ଗଛ ତଳେ
ଦୂର ଦିଗନ୍ତରେ ଭାଲେରୀ ଉହାଡେ
ଭାନୁଥିଲେ ଅସ୍ତାଚଳେ ।
ସତର ବରଷ ବିତି ତ ଗଲାଣି,
ତମେ ଜାଣ ମୁଁ ଜାଣେ
ଆତୁରେ ଚାତକ ଝୁରଇ ମେଘକୁ
ଜୀବନର କୁଞ୍ଜବନେ
ଭସାମେଘ ହୋଇ ଭାସିଗଲ ଦୂରେ
ବଉଦର ଆଡୁଆଳେ
ଝରା ବଉଳର ଉଜୁଡା ସକାଳ
ଆଜି ବେଶୀ ମନେପଡେ।
ତମ ସାଙ୍ଗେ ମୋର ସେଇ ଶେଷଦେଖା
କୃଷ୍ଣଚୂଡ଼ା ଗଛ ତଳେ
ସଞ୍ଜ ନଇଁଗଲାବେଳେ।
ଦୂର ଦିଗନ୍ତରେ ଭାଲେରୀ ଉହାଡେ
ଭାନୁଥିଲେ ଅସ୍ତାଚଳେ ।

*– ବୀରନରସିଂହପୁର, ପୁରୀ*
*ମୋ :୯୯୫୫୫୪୨୧୫୫*

## ଲିଫ୍ଟ

**ମୂଳଲେଖା: ଡ. ରଞ୍ଜନା ଜୟସ୍ୱାଲ**
**ଅନୁବାଦ: ପ୍ରଭାତ କୁମାର ମହାପାତ୍ର**



ନିର୍ବାଚନ ତାଙ୍କ ମୁଣ୍ଡ ଉପରେ ଥିଲା। ପ୍ରତିଦିନ କୌଣସି ନା କୌଣସି ସ୍ଥାନରେ ରାଲି ହେଉଥିଲା, କିନ୍ତୁ ଆଜିର ରାଲି ଖୁବ ଗୁରୁତ୍ୱପୂର୍ଣ୍ଣ ଥିଲା। ସେହି ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଜାତିର ଲୋକ ହିଁ ବସବାସ କରୁଥିଲେ। କେତେ ଆସୁଥିଲେ ଏବଂ ଯାଉଥିଲେ କିନ୍ତୁ ସେମାନଙ୍କୁ ନିଜ ଲୋକକୁ ହିଁ ଭୋଟ ଦେବାକୁ ପଡ଼ିବ। ଏହି ଅଞ୍ଚଳର ଭୋଟ ହାତେଇବା ନେତାଜୀଙ୍କ ପାଇଁ ଏକ ସମ୍ମାନର ପ୍ରଶ୍ନ ହୋଇଯାଇଥିଲା। ନେତାଜୀ.. ହାଇକମାଣ୍ଡ ଆପଣଙ୍କ ଉପରେ ଖୁବ ନଜର ରଖୁଛନ୍ତି। ଯଦି ଆମେ ଏଥର ସେମାନଙ୍କ ଭୋଟ ନପାଇବା, ତେବେ ଆପଣଙ୍କୁ ଟିକେଟ୍ ଦେବା ପୂର୍ବରୁ ଦୁଇଥର ଚିନ୍ତା କରିବାକୁ ପଡିବ।'' ସେହିଦିନ ଏବଂ ଆଜି, ନେତାଜୀ ତାଙ୍କର ସମସ୍ତ ଶକ୍ତି ଖଟାଇ ଦେଇଥିଲେ। କଲୋନୀ ପାଇଁ ଏକ ସଫାସୁତୁରା ଅଭିଯାନ ଯୋଜନା କରାଯାଇଥିଲା। ଏକ ଚମକଦାର ଧଳା କୁର୍ତ୍ତା–ପାଇଜାମା ପିନ୍ଧି, କେହି ଜଣେ ନେତାଜୀଙ୍କୁ ଗତକାଲି ରାତିରେ ଦୋକାନରୁ କିଣାଯାଇଥିବା ଏକ ନୂତନ ଝାଡୁ ଏବଂ ଡଷ୍ଟବିନ ଦେଲେ। ଗଣମାଧ୍ୟମକୁ ପୂର୍ବରୁ ସୂଚନା ଦିଆ ସରିଥିଲା। ସେମାନଙ୍କ ଯୋଜନା ଖୁବ ନିଖୁଣ ଥିବା ପରି ମନେ ହେଉଥିଲା। ସଙ୍ଗେ ସଙ୍ଗେ ନେତାଜୀ ତାଙ୍କ ମୁହଁରେ ଏକ ମାସ୍କ ଲଗାଇଲେ ଏବଂ ତାଙ୍କ କାନରେ ଇଲାଷ୍ଟିକ ବ୍ୟାଣ୍ଡ ଟାଣି ବାହାରକୁ ଆସିଲେ। ''ଦେଖ ଦେଖ .. ସେମାନେ ସବୁ ଆସି ଗଲେଣି.. ।'' ହଠାତ୍ ନେତାଜୀ ମହାଶୟ ଶୀଘ୍ର ଡିସ୍‌ପୋଜେବଲ୍ ଗ୍ଲୋଭସ ପିନ୍ଧି ମହାନ ଶୈଳୀରେ ଭୂଇଁ ସଫା କରିବା ଆରମ୍ଭ କରି ଦେଲେ। ତାଙ୍କ ଉଦାହରଣକୁ ଅନୁସରଣ କରି ତାଙ୍କ ଅନୁଗାମୀମାନେ ମଧ ଚାରିପାଖରେ ଏକାଠି ହୋଇଗଲେ। ସମସ୍ତେ ନେତାଜୀ ଜିନ୍ଦାବାଦ ନାରା ଦେବାକୁ ଆରମ୍ଭ କଲେ। କ୍ୟାମେରାର ଲାଇଟ୍ ତାଙ୍କ ମୁହଁକୁ ଆଲୋକିତ କଲା। ଠିକ ସେତିକିବେଳେ, ଜଣେ ସାମ୍ବାଦିକ ତାଙ୍କୁ ଏକ ପ୍ରଶ୍ନ ପଚାରିବାକୁ ଲାଗିଲେ, ନେତାଜୀ, ଏହି ବସ୍ତିର ଲୋକମାନଙ୍କୁ ଆପଣ କ'ଣ କହିବାକୁ ଚାହିଁବେ ? ନେତାଜୀ ପାଖରେ ଥିବା ଜଣେ ଅନୁଗାମୀକୁ ଝାଡୁ ବଢେଇ ଦେଲେ ଏବଂ ହାତ ଯୋଡ଼ି କହିଲେ, ମୁଁ କ'ଣ କହିବି ? ସେମାନେ ସମସ୍ତେ ଆମର ନିଜ ଲୋକ। ମୁଁ ଜଣେ ମଣିଷ, ମୁଁ ମଣିଷକୁ ଭଲ ପାଏ। ଯଦି ଈଶ୍ୱର ଆମକୁ ସୃଷ୍ଟି କରିବାରେ ଭେଦଭାବ କରିନାହାନ୍ତି, ତେବେ ଆମେ କିଏ ଭେଦଭାବ କରିବା ପାଇଁ ? ସମଗ୍ର ବସ୍ତି ଘନଘନ କରତାଳିରେ ଫାଟି ପଡ଼ିଲା। ନେତାଙ୍କ ଅନୁଗାମୀମାନେ ସମ୍ମାନିତ ଅତିଥିମାନଙ୍କୁ ଖାଦ୍ୟ ପ୍ୟାକେଟ ପ୍ରଦାନ କଲେ ଏବଂ ବ୍ୟଙ୍ଗ ହସ ସହିତ ସେମାନଙ୍କୁ ବିଦାୟ ଦେଲେ। ଗଣମାଧ୍ୟମ କର୍ମଚାରୀମାନେ ଯିବା ମାତ୍ରେ, ନେତାଙ୍କ ଗାଡି ଧୂଳି ଉଡ଼ାଇ ଗନ୍ତବ୍ୟସ୍ଥଳକୁ ଫେରିଗଲା। ସେ ଚାଲିଗଲେ। ଜଣେ ପଚାରିଲା ନେତାଜୀ, ଆମେ ପରବର୍ତ୍ତୀ ସଭା ପାଇଁ ସିଧା ସେଠାକୁ ଯିବା ନା ପ୍ରଥମେ ଘରକୁ ଯିବା ? ପ୍ରଶ୍ନର ଉତ୍ତର ନ ମିଳିବାରୁ ରଘୁ ନେତାଜୀଙ୍କୁ ଟିକିଏ ଚାହିଁଲା। ନେତାଜୀଙ୍କୁ ଯେମିତି ଦେଖିଛି ରଘୁ କିଛି ନ କହି ତା ଆଖି ତଳକୁ କରିଦେଲା। ନେତାଙ୍କ ମୁହଁ ରାଗରେ ଲାଲ ହୋଇ ଯାଇଥିଲା। ପ୍ରଥମେ ମୋତେ ଗାଧୋଇବାକୁ ଦିଅ, ତା'ପରେ ଯାଇ ମୁଁ ଯେକୌଣି ସ୍ଥାନକୁ ଯିବି ବୁଝି ପାରିଲ ! ଏ ଟିକେଟ ପାଇଁ ମୋତେ କେତେ କ'ଣ କରିବାକୁ ପଡିବ ? ନେତାଜୀ ମନେ ମନେ ବିରକ୍ତି ପ୍ରକାଶ କଲେ। ଧଳାକାରଟି କୋଠାଟିର ବାରଣ୍ଡାରେ ଯାଇ ଅଟକିଗଲା। ନେତାଜୀଙ୍କ ଅନୁଗାମୀମାନେ ରାସ୍ତା ଦେଖେଇ ଦେଖେଇ ନେଲେ ଏବଂ ଶୀଘ୍ର ଲିଫ୍ଟ ପାଖକୁ ଚାଲିଗଲେ, କିନ୍ତୁ ଲିଫ୍ଟଟି ଅନେକ ସମୟରୁ କୌଣସି ସ୍ଥାନରେ ଫସି ଯାଇଥିଲା। କ୍ଷମା କରନ୍ତୁ ମହାଶୟ, ଆପଣ ସେହି ବ୍ୟକ୍ତି ଯିଏ ଆଜି ସକାଳେ ଟିଭିରେ ଭାଷଣ ଦେଉଥିଲେ ? କାନ୍ତି ହଠାତ୍ କହି ପକାଇଲେ। କାନ୍ତି ଯିଏ ସୁମିତ୍ରା ଜୀଙ୍କ ପାଇଁ ଷଷ୍ଠ ମହଲାରେ କାମ କରୁଥିଲେ। ଆପଣ ବହୁତ ଭଲ, ମହାଶୟ। ମୁଁ ଆଜି ମୋ ସ୍ୱାମୀଙ୍କୁ କହୁଥିଲି ଯେ, ଆମେ ଯେଉଁ କୋଠାରେ କାମ କରୁ, ସେହି କୋଠାରେ ସେ ରୁହନ୍ତି। ସେ ଭାବିଲେ ମୁଁ ପାଗଳ ବୋଲି। ନେତାଜୀ ତାଙ୍କ ମୁହଁ ତଳେ ଟିକିଏ ହସି ଦେଲେ। କାନ୍ତି ବାଇ ବାରମ୍ବାର ଲିଫ୍ଟ ବଟନ ଦବାଇଲେ କିନ୍ତୁ ତାହା ଆସିଲା ନାହିଁ। ଠିକ୍ ସେତିକି ବେଳେ, ପାଖରେ ଥିବା ଅନ୍ୟ ଏକ ଲିଫ୍ଟ ତଳକୁ ଆସିଗଲା ଏବଂ ନେତାଜୀ ତାଙ୍କ ଅନୁଗାମୀମାନଙ୍କ ସହିତ କାଳ ବିଳମ୍ବ ନ କରି ସେଥିରେ ପ୍ରବେଶ କରିବାକୁ ଲାଗିଲେ। ହେ.. ହେ.. ତୁମେ ଏହି ଲିଫ୍ଟରେ କାହିଁକି ଆସୁଛ ? ନେତାଜୀଙ୍କ ଶିଷ୍ୟ କାନ୍ତିକୁ ଅଟକାଇ ପଚାରିଲେ। ନେତାଜୀଙ୍କ କପାଳ କ୍ଷଣିକ କୁଞ୍ଚିତ ହୋଇଗଲା। ତୁମମାନଙ୍କ ଲିଫ୍ଟଟି ସେଠାରେ ଅଛି, ତୁମେ ଏପଟେ କାହିଁକି ଆସୁଛ ? କାନ୍ତି ଅନୁଭବ କଲା ଯେ, ନେତାଜୀଙ୍କ ଧଳା କୁର୍ତ୍ତା ହଠାତ୍ ଦାଗଯୁକ୍ତ ଏବଂ କଳା ହୋଇ ଯାଇଛି। କାନ୍ତିଙ୍କୁ ପଛରେ ଛାଡି ଲିଫ୍ଟ ନେତାଜୀଙ୍କୁ ନେଇ ଦ୍ରୁତ ଗତିରେ ଉପରକୁ ଉଠୁଥିଲା ଏବଂ କାନ୍ତି ଆଖିରେ, ନେତାଜୀଙ୍କ ପ୍ରତିଷ୍ଠା ମଧ ସେହିପରି ଦ୍ରୁତ ଗତିରେ ଖସି ପଡ଼ିଥିଲା...ଆଉ ସେ ଭାବୁଥିଲା ଏଇ ସେହି ମଣିଷ ଯିଏ କିଛି ସମୟ ପୂର୍ବରୁ ଜାତି ଅଜାତି କିଛି ନାହି ବୋଲି ବଡ ବଡ ଭାଷଣ ଦେଉଥିଲା। ତଥା ଈଶ୍ୱରଙ୍କ ଦୃଷ୍ଟିରେ ଆମେ ସମସ୍ତେ ସମାନ ବୋଲି କହୁଥିଲା କିନ୍ତୁ ଏ କଣ ! ଏ କ'ଣ ସେମାନଙ୍କ ପ୍ରକୃତ ଚରିତ୍ର !

*–ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,*
*କୋରାପୁଟ, ମୋ: ୭୮୯୪୦୦୫୪୫୫*



କିଆରା

# ସଫେଇ ଦେଲେ କିଆରା

ଗତ କିଛିଦିନ ଧରି ଏଭଳି ଏକ ବିଷୟକୁ ନେଇ ବେଶ୍ ଆଲୋଚନା ଚାଲିଥିଲା। ହେଲେ ସେସବୁ ଘଟଣାରେ ଶେଷକୁ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି କିଆରା ଆଡଭାନୀ। କଥା କ'ଣ କି ସଞ୍ଜୟ ଲୀଲା ଭଁସାଲି ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ଅଭିନେତ୍ରୀ ମଧୁବାଲାଙ୍କ ଉପରେ ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଚିତ୍ରର ଟାଇଟଲ ଭୂମିକାରେ କିଆରା ଅଭିନୟ କରିବେ ବୋଲି ଆଲୋଚନା ହେଉଥିଲା। କିନ୍ତୁ ସେ ଏହି ଫିଲ୍ମର କାଷ୍ଟିଂରେ ନାହାନ୍ତି ବୋଲି ସଫେଇ ଦେଇଛନ୍ତି କିଆରା। ଏ ବିଷୟରେ ସେ କହନ୍ତି, ''ସଞ୍ଜୟ ସାର୍‌ଙ୍କ ଫିଲ୍ମରେ ମୁଁ ଅଭିନୟ କରୁଛି ବୋଲି ଆଲୋଚନା ଚାଲିଥିଲା। କିନ୍ତୁ ଏଇଠି ଜଣେଇ ଦେବାକୁ ଚାହେଁ ଯେ ଏହାର କାଷ୍ଟିଂରେ ମୁଁ ନାହିଁ। ବର୍ତ୍ତମାନ ମୋ ହାତରେ କୌଣସି ଅଫର୍ ନାହିଁ କି କୌଣସି ନୂଆ ଅଫର୍‌କୁ ଏବେ ଗ୍ରହଣ କରିବି ନାହିଁ। ଭବିଷ୍ୟତରେ କେବେ ଅଭିନୟ କରିବି ସେନେଇ ସମୟ ଆସିଲେ ସୂଚନା ଦେବି। ମଧୁବାଲାଙ୍କ ଉପରେ ନିର୍ମିତ ହେଉଥିବା ବାୟୋପିକ୍‌ରେ ମୁଁ ନାହିଁ ବୋଲି ଏବେ ଠାରୁ ସ୍ପଷ୍ଟ କରିଦେଉଛି। ତେଣୁ ଆଗକୁ ଏଭଳି କଥାକୁ କେହି ଗୁରୁତର ଭାବରେ ନ ନେବାକୁ ଅନୁରୋଧ କରୁଛି।''

## ମଡେଲିଂରୁ ଅଭିନେତ୍ରୀ

ସେତେବେଳେ ତାଙ୍କର ବୟସ ମାତ୍ର ୧୩ ବର୍ଷ। ସ୍କୁଲରେ ପାଠ ପଢୁଥାଆନ୍ତି। ଏକାଦା ତାଙ୍କୁ ସ୍କୁଲ ଡ୍ରାମାରେ ମୁଖ୍ୟ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଡ୍ରାମାରେ ପ୍ରଶଂସା ସାଉଁଟିବା ସହ ତାଙ୍କୁ ସେହି ୧୩ ବର୍ଷ ବୟସରେ ମଡେଲିଂ କ୍ଷେତ୍ରରେ ପାଦ ରଖିବାକୁ ସୁଯୋଗ ମଧ୍ୟ ମିଳିଥିଲା। ସେ ହେଉଛନ୍ତି ତମନ୍ନା ଭାଟିଆ। ପରବର୍ତ୍ତୀ ସମୟରେ ଦକ୍ଷିଣ ଭାରତୀୟ ସିନେମା ଜଗତରେ ନିଜକୁ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବରେ ପରିଚିତ କରାଇପାରିଛନ୍ତି। ତେବେ ସେ ପ୍ରଥମେ ବଲିଉଡ୍‌ରୁ ନିଜର ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୫ରେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ଚାନ୍ଦ ସା ରୋଶନ ଚେହେରା' ରିଲିଜ ହୋଇଥିଲା। କେବଳ ସେତିକି ନୁହେଁ ଏହି ବର୍ଷ ହିଁ ସେ ତେଲୁଗୁ ସିନେମାରେ କ୍ୟାରିୟର ଆରମ୍ଭ କରିଥିଲେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଶ୍ରୀ'।



ତମନ୍ନା

# ଜୁନ୍‌କୁ ଅପେକ୍ଷା

କନ୍ନଡ ସୁପରଷ୍ଟାର ଯଶଙ୍କୁ ଆଉ କିଛି ମାସ ଅପେକ୍ଷା କରିବାକୁ ପଡିବ। କାରଣ ସେ ଅଭିନୟ କରିଥିବା 'ଟକ୍ସିକ'ର ରିଲିଜ ଡେଟ୍ ପୁଣି ଥରେ ଘୁଞ୍ଚିଛି। ଏହି ଫିଲ୍ମଟି ଚଳିତ ମାସ ୧୯ ତାରିଖରେ ପରଦା ଉପରକୁ ଆସିଥାଆନ୍ତା। ହେଲେ କେତେକ କାରଣରୁ ଏହାର ମୁକ୍ତିଲାଭ ତାରିଖକୁ ପୁଣି ଥରେ ପରିବର୍ତ୍ତନ କରାଯାଇଛି। ଏଥର ସିନେମାଟି ଚଳିତ ବର୍ଷ ଜୁନ୍ ୪ରେ ପରଦା ଉପରକୁ ଆସିବ। ଏ ସମ୍ପର୍କରେ ଯଶ କହନ୍ତି, ''ମୁଁ ବେଶ୍ ଉତ୍ସାହର ସହ ଏ ମାସ ୧୯ ତାରିଖକୁ ଅପେକ୍ଷା କରିଥିଲି। କାରଣ ଏହି ଦିନ ମୋ ଅଭିନୀତ 'ଟକ୍ସିକ' ରିଲିଜ ହୋଇଥାଆନ୍ତା। ହେଲେ ଏହାକୁ ପୁଣି ଥରେ ଚେଞ୍ଜ କରାଯାଇଛି। ଏବର୍ଷ ଜୁନ୍ ୪ରେ ଫିଲ୍ମଟି ରିଲିଜ ହେବ। ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।'' ସେହିଦିନ ବରୁଣ ଧାୱନଙ୍କ ଅଭିନୀତ ଏବଂ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ 'ହେ ଜୱାନୀ ତୋ ଇସ୍କ ହୋନା ହୈ' ମଧ୍ୟ ରିଲିଜ ହେଉଛି। ଜୁନ୍ ୪ରେ ଏହି ଦୁଇ ତାରକାଙ୍କ ମଧ୍ୟରୁ କାହାର ସିନେମା ବାଜିମାତ କରୁଛି ଜଣାପଡିବ। 'ଟକ୍ସିକ'ର କାହାଣୀକୁ ଯଶ ରଚନା କରିଛନ୍ତି। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଗୀତୁ ମୋହନଦାସ। ଏଥିରେ ଯଶଙ୍କ ନାୟିକା ସାଜିଛନ୍ତି କିଆରା ଆଡଭାନୀ।



ଯଶ

### ରିଲିଜ ଅପେକ୍ଷାରେ

# ଆଫା

ନୂଆ ଓଡ଼ିଆ ଫିଲ୍ମ 'ଆଫା' ଚଳିତ ମାସ ୨୭ରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ ଏହାର ପୋଷ୍ଟର ଉନ୍ମୋଚନ ଏବଂ ଅଡିଓ ରିଲିଜ ଅନୁଷ୍ଠିତ ହୋଇଯାଇଛି। ମାଇଁଷ୍ଟିକ କ୍ଲୁ କ୍ଲାପେସ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଚଳଚ୍ଚିତ୍ରଟି ଓଡ଼ିଆ ପରିବାର, ସଂସ୍କୃତି ଓ ମୂଲ୍ୟବୋଧକୁ ଆଧାର କରି ପ୍ରସ୍ତୁତ ହୋଇଛି। ଏଥିରେ ଅଙ୍ଗଦାନର ମହତ୍ତ୍ୱ ଓ ସାମାଜିକ ବାର୍ତ୍ତା ମଧ୍ୟ ରହିଛି। ଏହି ଚଳଚ୍ଚିତ୍ରରେ ଅନମୋଲ ପତି ପ୍ରଥମଥର ପାଇଁ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଚଳଚ୍ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରୀତିରାଜ ସତପଥୀ ଓ ନୈନା ଦାଶତିୱାରୀ। ସହ ପ୍ରଯୋଜନା କରିଛନ୍ତି ସିଦ୍ଧାର୍ଥ ତିୱାରୀ। ନିର୍ଦ୍ଦେଶନା ଦେଇଛନ୍ତି ପ୍ରୀତିରାଜ ସତପଥୀ, ସହ ନିର୍ଦ୍ଦେଶନାରେ ଅଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଟା। ଚଳଚ୍ଚିତ୍ରର କ୍ରିଏଟିଭ ଡାଇରେକ୍ଟର ହେଲେ ନୈନା ଦାଶ ତିୱାରୀ ଓ ସିଦ୍ଧାର୍ଥ ତିୱାରୀ। ସିନେମାଟୋଗ୍ରାଫି କରିଛନ୍ତି ବିଶ୍ୱଜିତ କୁଲଡି। ସଙ୍ଗୀତ ନିର୍ଦ୍ଦେଶନା କରିଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା, ପ୍ରୀତିରାଜ ପ୍ରଥମ ଥର ପାଇଁ ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି। ଚଳଚ୍ଚିତ୍ରଟିରେ ପ୍ରୀତିରାଜ ସତପଥୀ, ନୈନା ଦାଶ ତିୱାରୀ, କୁନା ତ୍ରିପାଠୀ, ହର ରଥ, ସିଦ୍ଧାର୍ଥ ତିୱାରୀ, ମୀରା ଝଞ୍ଜା ଦାସ, ସ୍ୱସ୍ତିକ ଚୌଧୁରୀ, ରବି ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ଶ୍ରାବଣୀ, ମିଭାନ ଏବଂ ସିଦ୍ଧାର୍ଥ ତିୱାରୀ ଅଭିନୟ କରିଛନ୍ତି।



ପ୍ରୀତିରାଜ

# ଚାହିଁ ବସିଛନ୍ତି ଜାହ୍ନବୀ

ଜାହ୍ନବୀ କପୁର ଏବେ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ହେଲେ କ'ଣ ପାଇଁ ସେ ଅପେକ୍ଷା କରିଛନ୍ତି ଜାଣିବେନି? ଅସଲ କଥା ହେଲା, ସେ ଏକ ସିନେମାର ରିଲିଜ ତାରିଖକୁ ଆଗ୍ରହର ସହ ଚାହିଁ ବସିଛନ୍ତି। ଫିଲ୍ମଟି ହେଲା 'ପେଡ୍ଡି'। ଏହା ଚଳିତ ମାସ ୨୭ରେ ରିଲିଜ ହେବାକୁ ଯାଉଛି। ଏହି ତେଲୁଗୁ ଫିଲ୍ମରେ ସେ ରାମ ଚରଣଙ୍କ ନାୟିକା ସାଜିଛନ୍ତି। ଏ ବିଷୟରେ ଜାହ୍ନବୀ କହନ୍ତି, ''ରାମ ଚରଣଙ୍କ ପରି ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। 'ପେଡ୍ଡି'ର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ଏଥିରେ ଆମ ଦୁହିଁଙ୍କ ଯୋଡିକୁ ଦର୍ଶକ ପସନ୍ଦ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହାର ଦୁଇଟି ଗୀତ–'ଚିକିରି ଚିକିରି' ଏବଂ 'ରାଇ ରାଇ ରା ରା' ବେଶ୍ ଭାଇରାଲ ହୋଇଛି। ଏବେ ମୋ ହାତରେ ଆଉ ଦୁଇଟି ନୂଆ ଅଫର୍ ରହିଛି। ହେଲେ ଏ ନେଇ କିଛି ଫାଇନାଲ ଡିସିସନ୍ ନେଇନାହିଁ। ଏହାର କାହାଣୀକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ନିଷ୍ପତ୍ତି ନେବି।'' ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ବୁଚିବାବୁ ସାନା। ଚିତ୍ରଟିର କାହାଣୀରେ କେବଳ ଆକ୍ସନ ଭରି ରହିଛି। ତା'ସହ ଲଭ୍ ଏବଂ ଇମୋଶନ ମଧ୍ୟ ଅଛି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ସ୍ୱର ସଂଯୋଜକ ଏ.ଆର.ରହେମନ। ଏହି ସିନେମାରେ ରାମ ଚରଣ ଏବଂ ଜାହ୍ନବୀଙ୍କ ବ୍ୟତୀତ କନ୍ନଡ ଅଭିନେତା ଶିବା ରାଜକୁମାର, ଦିବ୍ୟାଂଶୁ ଶର୍ମା, ଜଗପତି ବାବୁ ଏବଂ ଭି.ଜି. ଚନ୍ଦ୍ରଶେଖର ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



ଜାହ୍ନବୀ

# ଆକ୍ଟିଂ କରି ନ ଥିଲେ....

ଦିଶା ପଟାନି ଯଦି ଅଭିନୟ କରି ନ ଥାନ୍ତେ ତେବେ କାହାକୁ ପ୍ରଫେଶନ ଭାବରେ ଗ୍ରହଣ କରିଥାଆନ୍ତେ ? ପାଠ ପଢ଼ିବା ସମୟରେ ତାଙ୍କର ଇଚ୍ଛା ଥିଲା ବଡ ହେଲେ ସେ ଏୟାର ଫୋର୍ସରେ ଯୋଗ ଦେବେ ଆଉ ପାଇଲଟ୍ ହେବେ। ହେଲେ ତାଙ୍କର ଏହି ଆଶା କେବଳ ଆଶାରେ ହିଁ ରହିଗଲା। ଏପରି ସମୟ ଆସିଲା ସେ ଅଭିନୟ ଲାଗି ପାଠପଢ଼ାରେ ଅଧାରୁ ଡୋରି ବାନ୍ଧିଲେ। ତେବେ ଆଉ ଏକ କଥା ହେଉଛି 'ଭାରତ' ସିନେମାରେ ଅଭିନୟ କରିବା ପୂର୍ବରୁ ସେ କିଛି ମାସ ଜିମ୍ନାଷ୍ଟିକ ଟ୍ରେନିଂ ନେଇଥିଲେ। ହେଲେ ଏହି ସମୟରେ ଏକ ଦୁର୍ଘଟଣା ଘଟି ତାଙ୍କର ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେ କିଛି ମାସ ସ୍ମରଣ ଶକ୍ତି ହରାଇ ବସିଥିଲେ। ଯଦିଓ ପରବର୍ତ୍ତୀ ସମୟରେ ସେ ଏଥିରୁ ମୁକୁଳିବାରେ ସକ୍ଷମ ହୋଇଥିଲେ। ଚାଇନିଜ ଆକ୍ସନ ଫିଲ୍ମ 'କୁଙ୍ଗ ଫୁ ୟୋଗା'ରେ ଦିଶା ଜ୍ୟାକି ଚାନ୍‌ଙ୍କ ସହ ଅଭିନୟ କରିଥିଲେ। ସେ ସମୟର ଶୁଟିଂ ଅନୁଭୂତିକୁ ସେ କଦାପି ଭୁଲି ପାରିବେ ନାହିଁ ବୋଲି ଦିଶା କହନ୍ତି। ତେଲୁଗୁ ଫିଲ୍ମ 'ଲୋଫର'ରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା। ଦିଶାଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'ଏମ.ଏସ.ଧୋନି : ଦ ଅନଟୋଲ୍ଡ ଷ୍ଟୋରି'। ଏବେ ସେ ଅଭିନୟ କରୁଥିବା 'ଆୱାରାପନ ୨' ଏବଂ 'ୱେଲକମ୍ ଟୁ ଦ ଜଙ୍ଗଲ'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି।



ଦିଶା

ଭାରତ ପୁଷ୍ପରାଗ

# ମନମୋହିନୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ

**ପ୍ରଶ୍ନ–**ଜଣେ ଅଜଣା ଝିଅ ମୋତେ କଣେଇ କଣେଇ ଚାହୁଁଛି। ବେଳେବେଳେ ହସି ଦେଉଛି। ଏବେ ମୁଁ କ'ଣ କଲେ ଠିକ୍ ହେବ ?

–ପ୍ରସନ୍ନ କୁମାର, ବାରିପଦା

**ଉତ୍ତର:** ସେହି ଅଜଣା ଝିଅର କଣେଇ କଣେଇ ଚାହାଣୀରେ ପ୍ରେମର ପହିଲି ଇସାରା ଲୁଚି ରହିଛି। 'ମନମୋହିନୀ ସେ ଫୁଲେଇ ରାଣୀ, ଚାହାଣି କହୁଛି ପ୍ରେମ କାହାଣୀ'। କେବଳ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ନିଜ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଏପରି ବଲ୍ ପକନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ–**ମୋ ସ୍ୱପ୍ନ ସୁନ୍ଦରୀ ୟା' ଭିତରେ ମନରେ ଘର କରିସାରିଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

–ଅମନ ସାହୁ, ବଲାଙ୍ଗୀର

**ଉତ୍ତର:** ଯାହାକୁ ଆପଣ ନିଜ ମନ ଭିତରେ ସ୍ଥାନ ଦେଇସାରିଛନ୍ତି ତାକୁ ବୋଧହୁଏ ଭଲ ଭାବରେ ଚିହ୍ନି ନାହାନ୍ତି। ନ ହେଲେ ଏମିତି ଏକତରଫା ପ୍ରେମରେ ବୁଡି ଯାଇ ନ ଥାନ୍ତେ। ଯଦି ସେହି ମନର ମାନସୀ ବିଷୟରେ କିଛି ଜାଣିଛନ୍ତି ତେବେ ତାକୁ ଭେଟିବାକୁ ଚେଷ୍ଟା କରନ୍ତୁ। ଆଉ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମ୍ନାରେ ଉଗାଳି ପକନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତେବେ ଜାଣି ନିଅନ୍ତୁ ଯେ, ଆପଣଙ୍କ ଆଶା ପୂରଣ ହୋଇଯାଇଛି।

**ପ୍ରଶ୍ନ–**ପ୍ରେମ କଲେ କେମିତି ଲାଗେ କହିବେ କି ସାଥୀ ?

–ସୁଜିତ, ଜଗତସିଂହପୁର

**ଉତ୍ତର:**ପ୍ୟାର୍ କା ଲଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ଜାଣିପାରିଛି। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। କାରଣ ସେପରି ପ୍ରେମ ମାଗି ଆଣିଥିବା ତରକାରୀ ଷୋଡକାଏ ପରି।

**ପ୍ରଶ୍ନ–**ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

–ଜୀବନ ରାଉତ, କେନ୍ଦ୍ରାପଡା

**ଉତ୍ତର:**ସତରେ ପ୍ରଥମ ପ୍ରେମକୁ ଭୁଲିବା ଏତେ ସହଜ ନୁହେଁ। ଦେଖୁନାହାନ୍ତି, ଆପଣଙ୍କ ପ୍ରେମିକା ଆପଣଙ୍କୁ ଧୋକା ଦେଇ ଚାଲିଯାଇଛି, ହେଲେ ଆପଣ ତାଙ୍କୁ ମନରୁ ପୋଛିବାକୁ ନାରାଜ। ଏଣେ ଆଉ ଜଣେ ଝିଅକୁ ପ୍ରେମ କରିବାକୁ ମାଇଣ୍ଡ ମେକଅପ କରିସାରିଲେଣି। ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ। ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ। ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ। ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଏହାପରେ ଯାଇ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ।

**ପ୍ରଶ୍ନ–**ପ୍ରେମର ନିଶା ଥରେ ଘାରିଲେ ତାହା ସହଜରେ ଛାଡି ନ ଥାଏ। ଏପରି କାହିଁକି ହୁଏ ?

–ବିପ୍ଳବ ସାହୁ, ଯାଜପୁର

**ଉତ୍ତର:**ପ୍ରେମ ନିଶା ଯେତେବେଳେ ମୁଣ୍ଡକୁ ଚଢେ ସେତେବେଳେ ମନ ରଙ୍ଗୀନ ଦୁନିଆରେ ଉଡି ବୁଲେ। ଚାରିଆଡ କେବଳ ପ୍ରେମ ହିଁ ପ୍ରେମ ଦେଖାଯାଏ। ଆଖି ଖୋଲିଲେ ପ୍ରେମ, ଆଖି ବୁଜିଲେ ପ୍ରେମ। 'ଟିକିଏ ମିଠାକୁ ଟିକିଏ ଖଟା, ସହଜେ ଖସେନା ପ୍ରେମର ନିଶା'। ତେଣୁ ଯଦି ପ୍ରେମ କରୁଛନ୍ତି ତେବେ ମନା ତ କରିହେବ ନାହିଁ। ହେଲେ ଏହି ସମୟରେ ନିଜ ମନର ବେଗକୁ ନିୟନ୍ତ୍ରଣରେ ରଖନ୍ତୁ। ନ ହେଲେ କେତେବେଳେ ଏହି ବିଶାଳ ଦୁନିଆରେ ଯେ ବାଟବଣା ହୋଇଯିବେ ତାହା କେବେ କଳ୍ପନା କରିପାରିବେ ନାହିଁ।



ସାଥୀ

## ପ୍ରଥମ ରୋଜଗାର

# ଝର କଲମକୁ ଭୁଲି ପାରୁନି



ଲେଖକ ଓ ଅବସରପ୍ରାପ୍ତ କୃଷିବିତ୍ **ଏକାଦଶୀ ନନ୍ଦୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

୧୯୫୫ ମସିହାରେ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ମେଳକ ଗାଁର ଏକ କୃଷକ ପରିବାରରେ ମୋ ଜନ୍ମ। ସ୍ୱପ୍ନେଶ୍ୱର ମ.ଇ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢିଲାବେଳେ ବୋଉର ଦେହାନ୍ତ ହେଲା। ମା'ଛେଉଣ୍ଡ ପିଲାଟିର କେତେ ଯେ ଦୁଃଖ ଯିଏ ଅଙ୍ଗେ ନିଭେଇଛି ସିଏ ଜାଣିଛି। ସପ୍ତମ ଶ୍ରେଣୀରେ ପଢିଲାବେଳେ ଜଣେ ସାଙ୍ଗର ବାଧ ବାଧକତାରେ ୨୫ ପଇସାର ଲଟେରି କାଗଜଟିଏ ଆଣିଥିଲି ସେ ପୁଣି ବାକିରେ। ଦୁଇ ଦିନପରେ ମୋର ପ୍ରଥମ ପୁରସ୍କାର ଉଠିଲା, ମିଳିଲା ଝର କଲମଟିଏ। ଅବଶ୍ୟ କିଛିଦିନ ପରେ ବାପା ଜଳଖିଆ ଖାଇବାକୁ ଦେଉଥିବା ପଇସାକୁ ଖର୍ଚ୍ଚ ନ କରି ସେଥିରେ ଲଟେରି ଟଙ୍କା ଶୁଝି ଦେଇଥିଲି। ଏହି ଝର କଲମଟି ମୋ ପାଇଁ ଖୁବ୍ ଲକି ଥିଲା। କାରଣ ସପ୍ତମ ପରୀକ୍ଷାରେ ସେଥିରେ ଲେଖି ବୃତ୍ତି ପାଇଥିଲି; ଯାହା ହାଇସ୍କୁଲ ଖାତାବହି କିଣାରେ ଖର୍ଚ୍ଚ ହୋଇଥିଲା। ସେତେବେଳେ ଘରଠାରୁ ମଧୁପୁର ହାଇସ୍କୁଲକୁ ୪କି.ମି. ବାଟ ଖାଲିପାଦରେ ଚାଲିଚାଲି ଯିବାକୁ ପଡୁଥିଲା। ଆନୁମାନିକ ସକାଳ ୯ଟାରୁ ଘରୁ ବାହାରି ଅପରାହ୍ନ ୪ଟା ୩୦ ବେଳକୁ ଫେରୁଥିଲି, ପୁଣି ବିନା ମଧ୍ୟାହ୍ନ ଭୋଜନରେ। ଶେଷ ବର୍ଷ ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ରଥ (ଏବେ ସ୍ୱର୍ଗବାସୀ)ଙ୍କ ସହାୟତାରେ ହଷ୍ଟେଲରେ ରହି ପଢିବାର ସୁଯୋଗ ମିଳିଲା। ପ୍ରଥମରୁ ମାଟ୍ରିକ ପରୀକ୍ଷା ପର୍ଯ୍ୟନ୍ତ ଡିବିରି ଓ ଲଣ୍ଠନ ଆଲୁଅରେ ପାଠ ପଢିଲି। ବହୁ କଷ୍ଟ କରି ହାଇସ୍କୁଲ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ବି ହେଲି। ହେଲେ ତା'ପରେ ଆଉ ଆଗକୁ ପଢିବାକୁ ବାପା ରାଜି ହେଲେନି। ବରଂ କାମ କରି ରୋଜଗାର କରିବାକୁ ମୋ ହାତରେ ୨୦ ଟଙ୍କା ଦେଇ ତା' ଦୋକାନୀ ଶଙ୍କର ଅଜାଙ୍କ ସାଥିରେ କଟକ ପଠାଇଦେଲେ। ସେହି ୨୦ ଟଙ୍କାରୁ ଖାଇପିଇ କ୍ୟାଣ୍ଟନମେଣ୍ଟ ରୋଡର ଦୋକାନ ବାରଣ୍ଡାରେ ଶୋଇ ଅଜାଙ୍କ ତା' ବିକାର ସୂତ୍ରଗୁଡିକୁ ଲକ୍ଷ୍ୟ କରୁଥିଲି। ଆଉ ତା'ରି ଭିତରେ ୬ ଟଙ୍କା ଖର୍ଚ୍ଚ କରି ରେଭେନ୍ସା ମହାବିଦ୍ୟାଳୟ, ବିଜେବି ଏବଂ ଏନ୍.ସି. ମହାବିଦ୍ୟାଳୟରେ ଫର୍ମ ପକାଇଥିଲି। ଗୋଟିଏ ସପ୍ତାହ ପରେ ପଇସା ସରିଗଲା କହି ଅଜା ଗାଁକୁ ଫେରେଇଦେଲେ। ଗାଁରେ ପହଞ୍ଚି ଦେଖେ ତ ତିନୋଟି ଯାକ ମହାବିଦ୍ୟାଳୟରୁ ବିଜ୍ଞାନ ପଢିବା ପାଇଁ ମୋ ନାଁରେ ଲେଟର୍ ଆସିଛି। କିନ୍ତୁ ବାପାଙ୍କର ରୋକ୍‌ଠୋକ୍ ଜବାବ ଥିଲା କଲେଜ ପଢ଼ା ପାଇଁ ଟଙ୍କା ନାହିଁ। ବାପାଙ୍କ କଥା ଶୁଣି ମୋର ଖୁବ୍ ମନଦୁଃଖ ହେଲା। ହେଲେ ନିୟତି ବୋଧେ ମୋ ଭାଗ୍ୟରେ ଆଉ କିଛି ଲେଖିଥିଲା। ସେ ସମୟରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଗ୍ରେଡ-୧ ଆସିଷ୍ଟାଣ୍ଟ ଥାଆନ୍ତି ବୈକୁଣ୍ଠ ନାଥ ଦାସ; ଯିଏକି ମୋର ସମ୍ପର୍କୀୟ ମଉସା ହେବେ। ସେ ଛୁଟିରେ ଗାଁକୁ ଆସିଥାନ୍ତି। ମୋର ପାଠ ପଢିବାର ମନୋବୃତ୍ତିକୁ ଦେଖି ସେ ତାଙ୍କ ସାଙ୍ଗରେ ମୋତେ ଭୁବନେଶ୍ୱର ନେଇଆସିଲେ। ଓୟୁଏଟିରୁ ଫର୍ମଟିଏ ଆଣି ତାକୁ ପୂରଣ କରି ପକାଇଦେଲେ। ପରଦିନ ସିଲେକ୍ସନ ହେଲା ଆଉ ବେସିକ ସାଇନ୍ସ କଲେଜରେ ପିୟୁ ସାଇନ୍ସରେ ମୋର ଆଡମିଶନ ମଧ୍ୟ ହୋଇଗଲା। ଏହାଥିଲା ୧୯୭୨ ମସିହା ଜୁଲାଇ ମାସର କଥା। ତା' ପରବର୍ଷ କୃଷି ମହାବିଦ୍ୟାଳୟରେ ମୋର ଆଡମିଶନ ହେଲା; ଏଥିପାଇଁ ବାପାଙ୍କଠାରୁ ୨୫୦ ଟଙ୍କାର ସହାୟତା, ମୁଁ କରୁଥିବା ଟ୍ୟୁଶନର କିଛି ପଇସା ଓ ମେରିଟ ଲୋନ ସ୍କଲାରଶିପ ସାହାରା ବନିଲା। ଅବଶ୍ୟ ଏକକାଳୀନ ଋଣ ଟଙ୍କା ମିଳିବାରୁ ପରେ ବାପାଙ୍କୁ ତାଙ୍କ ୨୫୦ ଟଙ୍କା ଫେରେଇ ଦେଇଥିଲି; ଯେଉଁଥିରେ ସେ ଅଢେଇ ଗୁଣ୍ଠ ଜମି କିଣିଥିଲେ। ବିଭିନ୍ନ ଉତ୍ଥାନ ପତନ ଦେଇ ଶେଷରେ କୃଷିରେ ଗ୍ରାଜୁଏଟ ହେଲି। ସେତେବେଳକୁ ମୋର ବାହାଘର ସରି ପୁଅଟିଏ ଜନ୍ମ ହୋଇସାରିଥାଏ। ତେଣୁ ପୋଷ୍ଟ ଗ୍ରାଜୁଏଟ କରିବାର ଇଚ୍ଛାକୁ ବଳି ଦେଇ ୧୯୭୭ ଡିସେମ୍ବର ୧୫ ତାରିଖରେ ଚାକିରି କ୍ଷେତ୍ରରେ ପ୍ରବେଶ କଲି। ପଦବୀ କୃଷି ଓଭରସିୟର, ଆଉ ପ୍ରଥମ ଦରମା ଥିଲା ୪୭୬ ଟଙ୍କା। ଏହି ଟଙ୍କାରୁ ୨୦୦ ଟଙ୍କା ଖର୍ଚ୍ଚ ହେଲା ପୁଅର ପ୍ରଥମ ଜନ୍ମଦିନ ପାଳନରେ। ତା'ପରେ ପରେ ଚାକିରି କ୍ଷେତ୍ରରେ ବିଭିନ୍ନ ସ୍ଥାନକୁ ବଦଳି, ତା'ସାଙ୍ଗକୁ ପୋଷ୍ଟ ଗ୍ରାଜୁଏଶନ ପାଠ ପଢିବାର ସୁଯୋଗ, ପଦୋନ୍ନତି ଇତ୍ୟାଦି ଇତ୍ୟାଦି। ଶେଷରେ ଓଡ଼ିଶା ରାଜ୍ୟ ବିହନ ଓ ଜୈବ ଉତ୍ପାଦ ପ୍ରମାଣନ ସଂସ୍ଥାରୁ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ ଭାବେ ୨୦୧୩ ଫେବୃଆରୀରେ ସେବା ନିବୃତ୍ତ ହେଲି। ଆଉ ଏବେ ମୋର ପୁସ୍ତକ ଲେଖା ଓ ଜୈବିକ/ପ୍ରାକୃତିକ କୃଷିର ଉନ୍ନୟନ ନିମିତ୍ତ କୃଷକମାନଙ୍କ ସହିତ ସମୟ କଟାଇବାର ବେଳ। ତଥାପି ସେ ଝର କଲମ ଓ ଜଳଖିଆ ପାଇଁ ବାପାଙ୍କ ପଇସା ଦେବାର କଥା ମୋ ମନରୁ ଲିଭି ଯାଇନି।

# ମେନ୍ସ ସମର ଫ୍ୟାଶନ୍







**ଫ୍ୟାଶନ୍ ଲଭର ସବୁବେଳେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି। ଏମିତିକି ଖରାଦିନର ପ୍ରବଳ ଗରମରେ ବି । ତେବେ ପୁରୁଷମାନେ କ'ଣ ପିନ୍ଧିଲେ ହଟ୍ ସମରରେ କୁଲ୍ ଲାଗିବେ, ଜାଣନ୍ତୁ ସେ ସମ୍ପର୍କରେ...**

**ଫ୍ଲୋରାଲ ଶାର୍ଟ ସହ ଶର୍ଟସ୍:** ଖରାଦିନେ କାଜୁଆଲ ଓ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ପୁରୁଷମାନେ କଟନ୍ ଶର୍ଟସ୍ ସହ ହାଫ ସ୍ଲିଭ୍‌ର ଫ୍ଲୋରାଲ ଶାର୍ଟ ପିନ୍ଧିପାରିବେ। ଛୋଟରୁ ବଡ଼ ବିଭିନ୍ନ ସାଇଜ୍‌ର ଫୁଲ ପ୍ୟାଟର୍ନର ଶାର୍ଟ ମିଳେ। ଖାସ୍‌କରି ଛୁଟିରେ ବାହାରକୁ ବୁଲିବାକୁ ଯାଉଥିଲେ ଏହି ଲୁକ୍ ଷ୍ଟାଇଲିଶ ଓ କୁଲ୍ ଲାଗେ। ଶର୍ଟସ୍‌ରେ ବେଜ୍ ଅବା ଖାକି ରଙ୍ଗ ଭଲ ଲାଗେ।

**ଟି-ଶାର୍ଟ, ଶର୍ଟସ୍ ଓ ସ୍ନିକର୍ସ:** ଯଦି ଔଜ୍ଜଲ୍ୟମାନ ଓ ଗାଢ଼ ରଙ୍ଗ ପସନ୍ଦ ନୁହେଁ, ତେବେ ଏହି ଋତୁରେ ନ୍ୟୁଟ୍ରାଲ ରଙ୍ଗକୁ ନିଜର ସାଥୀ କରିପାରିବେ। ହାଲ୍‌କା ରଙ୍ଗର ଶର୍ଟସ୍ ସହ ଅଫ୍ ହ୍ୱାଇଟ୍ ଅବା ହ୍ୱାଇଟ୍ ଟି-ଶର୍ଟ ଓ ହ୍ୱାଇଟ୍ ସ୍ନିକର୍ସ ଏକ ଆକର୍ଷକ କାଜୁଆଲ ସମର୍ ଆଉଟ୍‌ଫିଟ୍ ହୋଇପାରିବ।

**ବେସ୍‌ବଲ କ୍ୟାପ୍ ସହ ଭେଷ୍ଟ ଅବା ଟି-ଶାର୍ଟ ଓ ଶର୍ଟସ୍:** ସବୁ ଋତୁରେ ଷ୍ଟାଇଲିଶ୍ ଲୁକ୍ ଦିଏ ବେସ୍‌ବଲ୍ କ୍ୟାପ୍। ଏମିତିକି ଏକ ସାଧାରଣ ଟି-ଶାର୍ଟ ଓ ଶର୍ଟସ୍ ସହ ଏହାକୁ ପିନ୍ଧିଦେଲେ ବି ଲୁକ୍ ଷ୍ଟାଇଲିଶ ହୋଇଯାଏ। ଆଉ ଯଦି ଏହାସହ ସନ୍‌ଗ୍ଲାସ୍ ପେୟାର କରିବେ ଲୁକ୍ ପୂରା କୁଲ୍ ଲାଗିବ।

**ଲିନେନ୍ କୋ-ଅର୍ଡସ୍:** ଅଫିସ୍‌ରେ ଯଦି ସୁଟ୍ ଛଡ଼ା ଆଉକିଛି ପିନ୍ଧା ଯାଉ ନ ଥାଏ, ତେବେ ଲିନେନ୍‌ର କୋ-ଅର୍ଡ ସେଟ୍ ପିନ୍ଧିପାରିବେ। ଏଥିପାଇଁ ପ୍ରଥମେ ନିଜ ପାଇଁ ଏକ ଭଲ ଫିଟିଂର ସେଟ୍ କିଣନ୍ତୁ। ଯେମିତି କି ଏହା ନା ବେଶି ଢିଲା ହେଉଥିବ, ନା ବେଶି ଟାଇଟ୍। ସବୁବେଳେ ଧୂସର, ବେଜ୍ ଭଳି ନ୍ୟୁଟ୍ରାଲ ରଙ୍ଗର କୋ-ଅର୍ଡସ୍ ବାଛନ୍ତୁ।

**ଟି-ଶର୍ଟ ଉପରେ ଶାର୍ଟ ଓ ଜିନ୍ସ:** ଏକ ଢିଲା ସୂତା ଶାର୍ଟକୁ ବିପରୀତ ରଙ୍ଗର ଟି-ଶାର୍ଟ ଉପରେ ପିନ୍ଧି ଆପଣ ଏକ ଷ୍ଟାଇଲିଶ ସମର୍ ଲୁକ୍ ପାଇପାରିବେ। ଏହାସହ ଯଦି ବ୍ୟାଗି ଜିନ୍ସ ଓ ସ୍ନିକର୍ସ ପିନ୍ଧିବେ ତ ଲୁକ୍ ଆହୁରି ଆଟ୍ରାକ୍ଟିଭ ଲାଗିବ।

**ଆର୍ଟସି ଟି-ଶାର୍ଟ, ସିଗରେଟ୍ ପ୍ୟାଣ୍ଟ ଓ ସାଣ୍ଡଲ:** କଳାପ୍ରେମୀଙ୍କୁ ଏହି ଲୁକ୍ ପସନ୍ଦ ଆସିବ। ଆର୍ଟ ହୋଇଥିବା ଟି-ଶାର୍ଟ ସହ କଣ୍ଟ୍ରାଷ୍ଟ ରଙ୍ଗର ସିଗାରେଟ୍ ପ୍ୟାଣ୍ଟ ଓ ଷ୍ଟ୍ରାପି ସାଣ୍ଡଲ ଏକ କୁଲ୍ ସମର୍ ଲୁକ୍ ଦେବ।

**ଜଗର୍ସ ସହ ବ୍ୟାଗି ଟି-ଶାର୍ଟ:** ଖରାଦିନେ ଆରାମଦାୟକ ଅନୁଭବ କରିବା ପାଇଁ ଜଗର୍ସ ସହ ଢିଲା ଟି-ଶାର୍ଟ ପିନ୍ଧି ପାରିବେ। ୟା'ସହ ଷ୍ଟାଇଲିଶ ନେକ୍ ଚେନ୍ ଲଗାଇପାରିବେ। ଫଳରେ ହିପ୍‌ହପ୍ ଲୁକ୍ ମିଳିବ।

**ଧଳା ଶାର୍ଟ ଓ ଏସ୍ପାଡ୍ରିଲ୍‌ସ:** ଖରାଦିନେ ଖାଲି ଜୋତା ଓ ସ୍ନିକର୍ସ ନୁହେଁ ଏସ୍ପାଡ୍ରିଲ୍‌ସ ପିନ୍ଧି ବି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ଏହା କପଡାରେ ତିଆରି ହୋଇଥିବାରୁ ପ୍ରାୟ ସବୁ ଆଉଟ୍‌ଫିଟ୍ ସହ ଭଲ ଦେଖାଯାଏ। ଖାସ୍‌କରି ଧଳାଶାର୍ଟ ଓ ସ୍ଲିମ୍‌ଫିଟ୍ କଟନ୍ ପ୍ୟାଣ୍ଟ ସହ ଏସ୍ପାଡ୍ରିଲ୍ସ କୁଲ୍ ଲୁକ୍ ଦେଇଥାଏ।

**ପୋଲୋ ଟି-ଶାର୍ଟ ସହ ଶର୍ଟସ୍:** ଶର୍ଟସ୍ ସହ ପୋଲୋ ଟି-ଶାର୍ଟ ଯେମିତି ଆରାମଦାୟକ ସେମିତି ଷ୍ଟାଇଲିଶ ବି। ଏହାସହ ଟ୍ୟାସଲ୍ଡ ଲୋଫର୍ସ ଅବା କାନଭାସ୍ ସ୍ନିକର୍ସ ପିନ୍ଧିପାରିବେ। ଟି-ସର୍ଟକୁ ଶର୍ଟସ୍ ସହ ଇନ୍ କରି ଅବା ଖୋଲା ଛାଡି ପିନ୍ଧିପାରିବେ।

**ଗ୍ରାଫିକ ଶାର୍ଟ ସହ ରିପ୍ଡ ଡେନିମ୍ ଶର୍ଟସ୍:** ଷ୍ଟାଇଲିସ୍ ଲୁକ୍ ପାଇବା ପାଇଁ ଫୁଲ ଲେନ୍ଥ ରିପ୍‌ଡ ଜିନ୍ସ ବଦଳରେ ରିପ୍ଡ ଡେନିମ୍ ଶର୍ଟସ୍ ଟ୍ରାଏ କରିପାରିବେ। ତା'ସହ ଗ୍ରାଫିକ୍ ଶାର୍ଟ ପେୟାର କରନ୍ତୁ। ଯଦି ଚେନ୍ ଓ କ୍ୟାପ ଅଛି ତେବେ ତାକୁ ବି ପିନ୍ଧି ପାରିବେ। ଏହି ଲୁକ୍ ସହ ଧଳା ସ୍ନିକର୍ସ ଓ ଲମ୍ବା ସକ୍ସ କୁଲ୍ ଲୁକ୍ ଦେବ।



**କାର୍ଗୋ ପ୍ୟାଣ୍ଟ ସହ ଟି-ଶାର୍ଟ:** ଖରାଦିନେ ବୁଲିବାକୁ ଯିବାବେଳେ କମ୍ଫର୍ଟ ସହ ଷ୍ଟାଇଲିଶ ଲୁକ୍ ଚାହୁଁଥିଲେ କାର୍ଗୋ ପ୍ୟାଣ୍ଟ ଟ୍ରାଏ କରନ୍ତୁ। ଏହି ପ୍ୟାଣ୍ଟ ସହ ଓଭର ସାଇଜ୍ ଟି-ଶାର୍ଟ ଲୁକ୍‌କୁ ସ୍ମାର୍ଟ କରିବା ସହ ଆରାମଦାୟକ ଅନୁଭୂତି ଦେବ।

**ଶାର୍ଟ, ଚିନୋ ପ୍ୟାଣ୍ଟ ଓ ନେକ୍ ଟାଈ:** ସାଟିନ୍ ଶାର୍ଟ ସହ ଚିନୋ ପ୍ୟାଣ୍ଟ ଓ ଏକ ସୁନ୍ଦର ନେକ୍ ଟାଏ ଆପଣଙ୍କ ସମର୍ ଲୁକ୍‌କୁ ଆକର୍ଷକ କରାଇବ। ବୁଲିବାକୁ ଯାଉଥିଲେ ଏହି ଲୁକ୍ ଆପଣେଇ ସମସ୍ତଙ୍କ ନଜରକୁ ଆସିବେ।

**ପ୍ରିଣ୍ଟେଡ ଶର୍ଟସ୍ ସହ ସଲିଡ ଶାର୍ଟ:** ବିଚ୍ ପାର୍ଟିର ପ୍ଲାନ୍ ଅଛି କି? ତେବେ କଟନ୍ ଶାର୍ଟ ସହ ପ୍ରିଣ୍ଟେଡ ଶର୍ଟସ୍ ପିନ୍ଧନ୍ତୁ। ଏହାଠୁ ସୁନ୍ଦର କମ୍ବିନେଶନ୍ ଆଉ କିଛି ନାହିଁ।





## ହାଃ ହାଃ

### ଲୁଣ

ସ୍ୱାମୀ: ତରକାରି ଅଲଣା ହେଉଛି।
ସ୍ତ୍ରୀ: କଥା କ'ଣ କି ତରକାରି ଟିକେ ପୋଡ଼ି ଯାଇଥିଲା।
ସ୍ୱାମୀ: ହେଲେ ଲୁଣ କାହିଁକି ପକେଇଲନି ?
ସ୍ତ୍ରୀ: ମୁଁ ସଂସ୍କାରୀ ପରିବାରର। ଜଳିଥିବା ଜାଗାରେ ଲୁଣ ପକେଇବା ଅଭ୍ୟାସ ମୋର ନାହିଁ।

### ମଜାକ୍

ବୟଫ୍ରେଣ୍ଡ: ବେବି ତମେ ବହୁତ କ୍ୟୁଟ୍, ପୁରା ରାଜକୁମାରୀ ଭଳି।
ଗର୍ଲଫ୍ରେଣ୍ଡ: ଥାଙ୍କ୍ ୟୁ ଜାନୁ..। ହେଲେ ଏବେ କ'ଣ କରୁଛ ?
ବୟଫ୍ରେଣ୍ଡ: କିଛି ନାଇଁ, ଖାଲି ବସିଥିଲି ତ ଭାବିଲି ତମକୁ ଫୋନ୍ କରି ଟିକେ ମଜାକ୍ କରିବି।

### ମୁଣ୍ଡ ଉଠେଇକି

ରାଜୁ ମଣ୍ଟୁକୁ: ଭାଇ, ମୁଁ ମୁଣ୍ଡ ଉଠେଇକି ବଞ୍ଚିବାକୁ ଚାହୁଁଛି।
ମଣ୍ଟୁ: ଏଇଟା ତ ପୁରା ସହଜରେ କରିପାରିବୁ।
ରାଜୁ: ହେଲେ, କେମିତି ?
ମଣ୍ଟୁ: ମୋବାଇଲ୍ ଛାଡିକି।

### କ୍ରିକେଟ୍

ଗୋଲି: ଚାଇନାର କ୍ରିକେଟ୍ ଟିମ୍ କାହିଁକି ନାହିଁ ?
ପପୁ: ବିପଦ ଅଛି ତ ସେଥିପାଇଁ।
ଗୋଲି: କୋଉ ବିପଦ।
ପପୁ: ଜଣେ ଖେଳାଳୀ ଆଉଟ୍ ହୋଇଗଲା ପରେ, ଯଦି ପୁଣିଥରେ ସେଇ ଖେଳାଳୀ ଆସିଯାଏ ଜାଣି ହେବନି।



# ରାମଚଣ୍ଡୀ ଗଡ଼

**ଦେ**ଶରେ ଇଂରେଜ ଶାସନର ବହୁ ବର୍ଷ ପୂର୍ବରୁ ଉତ୍କଳରେ ଦେଶୀୟ ରାଜାମାନଙ୍କ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଗଡ଼ ପ୍ରତିଷ୍ଠା ହୋଇଥିଲା। କେତେକ ଗଡ଼ର ଇତିହାସ, ଲୋକକଥା, କୀମ୍ବଦନ୍ତୀ ଓ ଜନଶ୍ରୁତି ରହିଥିବା ବେଳେ ଆଉ କେତେକ ଗଡ଼ର ଐତିହ୍ୟ ସମ୍ପର୍କରେ ଇତିହାସ ଏଯାଏ ପୁନଃଲିଖନ ହୋଇପାରିନାହିଁ। ପୁରାତନ ଗଡ଼ର ଭୌଗୋଳିକ ସ୍ଥିତି ଗଡ଼ପୋଖରି, ଗଡ଼ଖାଇ, ଭଗ୍ନ ରାଜପ୍ରାସାଦ, ଦୁର୍ଗ ଆଦି କେବଳ ଅତିତର ସ୍ମୃତି ହୋଇ ରହିଛି। ଶିକ୍ଷାବିତ୍ ତଥା ଇତିହାସ ଗବେଷକ ସତ୍ୟବାଦୀ ବଳିୟାରସିଂହ କୁହନ୍ତି, 'ଜନଶ୍ରୁତିରୁ ଜଣାପଡ଼େ ଖୋର୍ଦ୍ଧାରାଜ୍ୟ ପ୍ରତିଷ୍ଠା ପୂର୍ବରୁ ରାମଚଣ୍ଡି ଗଡ଼ ପ୍ରତିଷ୍ଠା ହୋଇଥିଲା। ଗଡ଼ର ଇଷ୍ଟଦେବୀ ମା' ରାମଚଣ୍ଡି। ଏହି ଗଡର ଦକ୍ଷିଣ ଦିଗରେ ନରଣ ଗଡ଼, ପଶ୍ଚିମରେ ମଳିପଡା ଗଡ଼ ଏବଂ ଉତ୍ତର ଦିଗରେ ତାପଙ୍ଗ ଗଡ ରହିଛି । ଏଠାକାର ଦଳବେହେରାଙ୍କ ପ୍ରାସାଦରେ ପ୍ରାୟ ୨୨ଟି କୋଠରିରେ ବିଭିନ୍ନ ଅସ୍ତ୍ରାଗାର, ବିହନଗାର, ଅଗଣା ଆଦି ରହିଥିବାବେଳେ ଉତ୍ତର, ଦକ୍ଷିଣ ଓ ପୂର୍ବଦିଗରେ ପ୍ରାୟ ୩ଟି ଦ୍ୱାର ରହିଛି। ଆଧୁନା ଖୋର୍ଦ୍ଧା ଜିଲାର ଖୋର୍ଦ୍ଧାବ୍ଲକ ଅଧୀନ ତାପଙ୍ଗ ରେଳଷ୍ଟେସନ ଠାରୁ ଉତ୍ତରଦିଗରେ ପ୍ରାୟ ୧କି.ମି. ଦୂରରେ ୧୬ ନମ୍ବର ଜାତୀୟ ରାଜପଥ ମଳିପଡା ଠାରୁ ୪କି.ମି. ଦୂରରେ ରାମଚଣ୍ଡୀଗଡ଼ ଅବସ୍ଥିତ । ତତ୍କାଳୀନ ଗଜପତି ନରସିଂହଦେବଙ୍କ ନାମରେ ଏହି ଗଡର ଏକ ରାଜସ୍ୱ ଗ୍ରାମ ନରସିଂହ ପ୍ରସାଦ ନାମିତ ହୋଇଅଛି । ଅତିତରେ ଏହି ଗଡର ପଶ୍ଚିମ ଦିଗରେ ଥିବା ରାଜାଙ୍କ ଜଗତିଟାଙ୍ଗୀରେ ଭଗ୍ନ ରାଜଉଆସ ରହିଥିଲା। ଏବେ ବି ତାହାର ଭଗ୍ନାବଶେଷ ରହିଛି। ରାଜାଙ୍କ ଦ୍ୱାରା ଖନନ ହୋଇଥିବା ଝଣଝଣା କୂପ ନାମରେ ପ୍ରସିଦ୍ଧ କୂପ ଏବେ ବି ରହିଛି । ରାଜାଙ୍କ ଶାସନ ସମୟରେ ସମରକଳା ଅଭ୍ୟାସ ସ୍ଥାନ କୁ ଯୁଦ୍ଧପଦା କୁହାଯାଉଥିଲା କିନ୍ତୁ କାଳକ୍ରମେ ଲୋକମୁଖରେ ତାହା ବର୍ତ୍ତମାନ ଦୁଧୁପଦା ବୋଲି ଶୁଣାଯାଏ। ଘୋଡ଼ାଶାଳ, ହାତୀଶାଳ ଥିବାର ଜଣାପଡ଼େ। ରାଜାଙ୍କ ଦ୍ୱାରା ଖନନ ହୋଇଥିବା ପୋଖରୀ ଯାହା ଏବେ ଗଡ଼ ପୋଖରୀ ଭାବେ ଜଣାଯାଏ। ଏହି ଗଡ଼ରେ ସବୁ ବର୍ଗର ଲୋକ ଅଛନ୍ତି। ଦଶହରା, ପଞ୍ଚୁଦୋଳ ପର୍ବ ,ଦଣ୍ଡପର୍ବ, ରାମଲୀଳା, ଶୀତଳଷଷ୍ଠୀ, ରଜ ପର୍ବ ଆଦି ପର୍ବପର୍ବାଣୀ ପାଳନ ହୋଇଥାଏ। ଏହି ଗଡ଼ ସମ୍ପର୍କରେ ସୌମ୍ୟରଞ୍ଜନ ହରିଚନ୍ଦନ କୁହନ୍ତି,'ରାମଚଣ୍ଡି ଗଡ଼ର ଦକ୍ଷିଣରେ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର । ଉତ୍ତରରେ ବାବା ବିଶ୍ୱନାଥ ଦେବଙ୍କ ମନ୍ଦିର। ପଶ୍ଚିମରେ ମା' ବ୍ରାହ୍ମଣଦେବୀଙ୍କ ମନ୍ଦିର ଏବଂ ପୂର୍ବରେ ଗ୍ରାମର ଇଷ୍ଟ ଦେବୀ ମା' ରାମଚଣ୍ଡୀଙ୍କ ପୀଠ ରହିଛି। ରାଜାରାଜୁଡ଼ାଙ୍କ ଶାସନରେ ପ୍ରତ୍ୟେକ ଗଡ଼ର ଗଡାଧିଶଙ୍କୁ 'ଦଳବେହରା' ଉପାଧିରେ ବିଭୂଷିତ କରାଯାଉଥିଲା। ସେତେବେଳେ ନରସିଂହ ପ୍ରସାଦ, ଦୁର୍ଗା ପ୍ରସାଦ ଓ ରାମଚଣ୍ଡୀ ଆଦି ୩ଟି ରାଜସ୍ୱ ଗ୍ରାମକୁ ନେଇ ରାମଚଣ୍ଡୀ ଗଡ଼ ପ୍ରତିଷ୍ଠା ହୋଇଥିଲା। ବର୍ତମାନ ଏହି ଗଡ଼ର ଦଳବେହରା ହେଉଛନ୍ତି ମୃତ୍ୟୁଞ୍ଜୟ ଛୋଟରାୟ ଓ ତାଙ୍କ ପୁତ୍ର ସୌମ୍ୟ ରଞ୍ଜନ ହରିଚନ୍ଦନ ଯୁବ-ଦଳବେହେରା। ରାମଚଣ୍ଡି ଗଡ଼ର ପ୍ରଥା ଅନୁସାରେ ଦଳବେହେରାଙ୍କ ୨ଟି ସାଙ୍ଗିଆ ରହିଛି । ଛୋଟରାୟ ଓ ହରିଚନ୍ଦନ । ଗୋଟେ ପିଢ଼ି ହରିଚନ୍ଦନ ହେଲେ ପର ପିଢ଼ି ଛୋଟରାୟ ସାଙ୍ଗିଆ ହୋଇଯାଏ । ଗଡ଼ର ୭ପିଢ଼ିର ଦଳବେହେରାଙ୍କ ସୂଚୀ ଅନୁସାରେ - ଶ୍ୟାମ ସୁନ୍ଦର ହରିଚନ୍ଦନ, ପଦ୍ମ ଚରଣ ଛୋଟରାୟ, ରାଘବ ଚନ୍ଦ୍ର ହରିଚନ୍ଦନ,ଅନ୍ତର୍ଯ୍ୟାମୀ ଛୋଟରାୟ, ଉମେଶ ଚନ୍ଦ୍ର ହରିଚନ୍ଦନ, ମୃତ୍ୟୁଞ୍ଜୟ ଛୋଟରାୟ (ଏବେର ଦଳବେହେରା), ସୌମ୍ୟ ରଞ୍ଜନ ହରିଚନ୍ଦନ(ଯୁବ ଦଳବେହେରା)ଏହି ଗଡ଼ରେ ଅଛନ୍ତି। ଗଡ଼ରେ ବିଭିନ୍ନ ପୂଜା ପର୍ବର ବିଧିବିଧାନ ରହିଛି । ଖଣ୍ଡାୟତ କ୍ଷତ୍ରିୟ ଭାବେ ଦଳବେହେରାଙ୍କ ଦଶହରା ପର୍ବରେ ଅସ୍ତ୍ରଶସ୍ତ୍ର ପୂଜା ପରମ୍ପରା ସବୁଠାରୁ ନିଆରା । ଦଳବେହେରାଙ୍କ ଇଷ୍ଟ ଦେବୀ ହେଉଛନ୍ତି ମା' ରାମଚଣ୍ଡି। ମା'ଙ୍କ ପୀଠରେ ଦଶହରା ପର୍ବ ଅବସରରେ ୧୬ଦିନ ଧରି ପୂଜା ହୋଇଥାଏ। ଏଥିରେ ଦଳବେହେରାଙ୍କ ସ୍ୱତନ୍ତ୍ର ଭୂମିକା ରହିଛି । ଦଳବେହେରାଙ୍କ ଅସ୍ତ୍ରାଗାରରେ ଥିବା ବିଭିନ୍ନ ଅସ୍ତ୍ର ମଧ୍ୟରୁ ପାଟଖଣ୍ଡା ମୁଖ୍ୟ। ଏହି ପାଟଖଣ୍ଡାର ଧୂଆପାଣିକୁ ଦୃଷ୍ଟିପଡ଼ିଥିବା ପିଲାଙ୍କୁ, ପ୍ରଦାନ କରାଯାଉଥିଲା। ଅସ୍ତ୍ରପୂଜା ବିଧି ଅନୁଯାଇ ଏଠାରେ ୭ମୀ ଦିନରୁ ବ୍ରାହ୍ମଣଙ୍କ ମନ୍ତ୍ରପାଠ ସହିତ ଦଳବେହେରାଙ୍କ ସହିତ ଉପସ୍ଥିତି ସେବାୟତମାନେ ଆସିଥାନ୍ତି ମା' ରାମଚଣ୍ଡୀଙ୍କପୀଠରୁ ଆଜ୍ଞାମାଳ ଆସି ଦଳବେହେରାଙ୍କ ଘରକୁ ନିଆଯାଇଥାଏ। ଚଣ୍ଡିପାଠ ହୋଇ ଦଳ ବେହେରାଙ୍କ ଘରେ ଅସ୍ତ୍ରପୂଜା ହୁଏ। ୯ମୀ ସନ୍ଧ୍ୟାରେ ଖୀରି ଭୋଗ ହୋଇ ଗାଁସାରା ବଣ୍ଟନ କରାଯାଇଥାଏ। ୧୦ମୀ ଦିନ ସନ୍ଧ୍ୟାରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ପୂଜାରୁ ଉଠାଯାଇଥାଏ। ଦଳବେହେରାଙ୍କ ସହିତ ପାଇକମାନେ ସୁସଜ୍ଜିତ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ପଟୁଆରକରି ମା'ଙ୍କ ମନ୍ଦିରକୁ ଯାଇଥାନ୍ତି। ସେଠାରୁ ବିଧି ଅନୁସାରେ ମା'ଙ୍କ ବିଜେପ୍ରତିମାଙ୍କୁ ଅଣାଯାଇଥାଏ। ଏହି ପୂଜା ସମୟରେ ଦଳବେହେରାଙ୍କ ପତ୍ନୀ ଦଳବେହେରାଙ୍କୁ ବନ୍ଦାପନା କରିଥାନ୍ତି ପୁଣି ଦଳବେହେରାଙ୍କ ଘରୁ ଆଜ୍ଞାମାଳକୁ ପାଟପଟୁଆରରେ ମା'ଙ୍କ ପୀଠକୁ ନିଆଯାଇଥାଏ। ଦଳବେହେରା ମୁଣ୍ଡରେ ପୁରୋହିତ ଶିରପା ବାନ୍ଧିଥାନ୍ତି। ସେହିପରି ଏହି ଗଡ଼ର ଦଳବେହେରାଙ୍କୁ ଗଜପତି ମହାରାଜା ପୁରୀ ଶ୍ରୀମନ୍ଦିରରେ ମା' ବିମଳାଙ୍କ ଦଶହରା ପର୍ବ ଅବସରରେ ହେଉଥିବା ୧୬ ପୂଜା ମଧ୍ୟରୁ ଗୋଟିଏ ଦିନ ପୂଜା କରିବାର ବିଧି ରହିଛି, ଯାହାକୁ ବିମଳାଙ୍କ ମନ୍ଦିରର ଜଣେ ପୂଜକ ପୂଜା କରିଥାନ୍ତି। ଏହା ଏଠାକାର ଦଳବେହେରାଙ୍କ ସ୍ୱତନ୍ତ୍ରତା। ତେବେ ଏହି ଗଡ଼ ସମ୍ପର୍କରେ ଅଧୀକ ଗବେଷଣାର ଆବଶ୍ୟକତା ରହିଛି।

-ବନବିହାରୀ



# ଦାଚିଗାମ ଜାତୀୟ ଉଦ୍ୟାନ



**ଜମ୍ମୁ ଓ କଶ୍ମୀରର ଶ୍ରୀନଗର ଜିଲା ଅନ୍ତର୍ଗତ ଏକ ମୁଖ୍ୟ ପର୍ଯ୍ୟଟନ କ୍ଷେତ୍ର ଭାବେ ଦାଚିଗାମ ଜାତୀୟ ଉଦ୍ୟାନ ବେଶ୍ ପ୍ରସିଦ୍ଧ। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ସାଙ୍ଗକୁ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ଏଠି ରହିଛି ...**

ଦାଚିଗାମ ଜାତୀୟ ଉଦ୍ୟାନ ; ଯାହାକି ଜମ୍ମୁ ଓ କଶ୍ମୀରର ଶ୍ରୀନଗର ଜିଲାରେ ଅବସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନ କ୍ଷେତ୍ର। ପ୍ରାୟ ୧୪୧ ବର୍ଗ କି.ମି ପରିବ୍ୟାପ୍ତ ଅଞ୍ଚଳରେ ଗଢି ଉଠିଥିବା ଏହି ଅଭୟାରଣ୍ୟରେ ଦୁର୍ଲଭ କଶ୍ମୀର ହରୀଣ ସାଙ୍ଗକୁ ହୀମାଳୟ କଳା ଭାଲୁ ତଥା ବିଭିନ୍ନ ବନସ୍ପତି ବୃକ୍ଷ ଦେଖିବାର ସୁଯୋଗ ରହିଛି। ଅପୂର୍ବ ପ୍ରାକୃତିକ ଶୋଭାରେ ଭରା ଏହି ସ୍ଥାନର ଶାନ୍ତ ବାତାବରଣରେ କିଛି ସମୟ ବିତାଇବା ପାଇଁ ପ୍ରାୟତଃ ପର୍ଯ୍ୟଟକଙ୍କର ଏଠି ଭିଡ଼ ଜମିଥାଏ।

### ଇତିହାସ


ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୧୦ ମସିହା ପର୍ଯ୍ୟନ୍ତ ଏହି କ୍ଷେତ୍ରଟି ଜମ୍ମୁ ଓ କଶ୍ମୀର ମହାରାଜାଙ୍କ ଅଧୀନରେ ରହିଥିଲା। ରାଜା ଏଠାରେ ପ୍ରାଣୀ ଶିକାର କରୁଥିଲେ। କିନ୍ତୁ ପରେ ଏହା ସ୍ଥାନୀୟ ସରକାରଙ୍କ ଅଧୀନକୁ ଚାଲିଯିବା ପରେ ଏଠାରେ ବିଭିନ୍ନ ଉନ୍ନତିମୂଳକ କାମ କରାଯାଇଥିଲା। ଆଉ ଶେଷରେ ୧୯୮୧ ମସିହାରେ ଏହି ଉଦ୍ୟାନକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା।

### ମୁଖ୍ୟ ଆକର୍ଷଣ

* ଏହି ଅଭୟାରଣ୍ୟଟି ମୁଖ୍ୟତଃ କଶ୍ମୀର ହରୀଣ ପାଇଁ ପ୍ରସିଦ୍ଧ ; ଯାହାକୁ ହଙ୍ଗୁଲ ବୋଲି କୁହାଯାଇଥାଏ। ସେମାନଙ୍କ ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ଏଠି ବିଶେଷ ଧ୍ୟାନ ଦିଆଯାଇଥାଏ।
* କଶ୍ମୀର ହରୀଣଙ୍କ ବ୍ୟତିତ ପର୍ଯ୍ୟଟକ ଏଠି ହୀମାଳୟ କଳା ଭାଲୁ, ହୀମାଳୟ ମାଟିଆ ଭାଲୁ, ଜଙ୍ଗଲୀ ବିଲେଇ, ପାହାଡ଼ି ବିଲୁଆ, ବରଫାଞ୍ଚଳରେ ଦେଖାଯାଉଥିବା ଚିତାବାଘ ଇତ୍ୟାଦି ବିରଳ ପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ।
* ସେହିପରି ଜାତିଜାତିକା ପକ୍ଷୀଙ୍କୁ ମଧ୍ୟ ଏଠି ଦେଖିପାରିବେ। ବିଶେଷକରି ପକ୍ଷୀପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ।
* ଏହି ଜାତୀୟ ଉଦ୍ୟାନରେ ଓକ୍, ଦେବଦାରୁ ବୃକ୍ଷ ସମେତ ପର୍ଯ୍ୟଟକ ନାନାଦି ବନସ୍ପତି ବୃକ୍ଷ ଦେଖିବାର ତଥା ସେ ସମ୍ପର୍କିତ ଜ୍ଞାନ ଆହରଣ କରିବାର ସୁଯୋଗ ମଧ୍ୟ ପାଇପାରିବେ।
* ତେବେ ଏହି ଜାତୀୟ ଉଦ୍ୟାନକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ତଳ ଦାଚିଗାମ ଏବଂ ଅନ୍ୟଟି ହେଉଛି ଉପର ଦାଚିଗାମ। ତଳ ଦାଚିଗାମ କ୍ଷେତ୍ରକୁ ବୁଲିବା ପର୍ଯ୍ୟଟକଙ୍କ ପକ୍ଷେ ଖୁବ୍ ସହଜ ଓ ସୁଲଭ ହୋଇଥାଏ। କିନ୍ତୁ ଉପର ଦାଚିଗାମକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ଟ୍ରେକିଂ କରି ଯିବାକୁ ପଡିଥାଏ ; ଯାହା ଖୁବ୍ ରୋଚକପୂର୍ଣ୍ଣ ହୋଇଥାଏ।
* ଏଥିସହିତ ଦାଚିଗାମ କେବଳ ଏକ ବନ୍ୟଜୀବ ଅଭୟାରଣ୍ୟ ନୁହେଁ, ଏହି କ୍ଷେତ୍ରଟି ଜଳ ସଂରକ୍ଷଣ ବାବଦରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କାରଣ ଏହି ଅଭୟାରଣ୍ୟ ମଧ୍ୟରେ ଏକ ପ୍ରାକୃତିକ ଜଳଉତ୍ସ ରହିଛି ; ଯାହାର ପାଣି ଖୁବ୍ ସ୍ୱଚ୍ଛ। ସ୍ଥାନୀୟ ଲୋକେ ଏହାକୁ ପାନୀୟ ଜଳ ଭାବେ ବି ବ୍ୟବହାର କରିଥାନ୍ତି।

କେବଳ ସେତିକି ନୁହେଁ, ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରଜାପତି ବି ଏଠାରେ ଦେଖାଯାଇଥାନ୍ତି। ତା'ଛଡ଼ା ବିଭିନ୍ନ କିସମର ଔଷଧୀୟ ଗଛ ବି ଏହି ଅଭୟାରଣ୍ୟରେ ରହିଛି ; ଯାହାକୁ ପର୍ଯ୍ୟଟକ ବୁଲି ଦେଖିପାରିବେ। ଏସବୁ ବ୍ୟତିତ ଏହି ଅଭୟାରଣ୍ୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କିସମର ଜଙ୍ଗଲୀ ଫୁଲ ଫୁଟୁଥିବାର ବି ପର୍ଯ୍ୟଟକ ଦେଖିବାକୁ ପାଇପାରିବେ।





### ଫଟୋଗ୍ରାଫି ଓ ଟ୍ରେକିଂର ମଜା ନିଆରା

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଜାତୀୟ ଉଦ୍ୟାନଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ। କେବଳ ସେତିକି ନୁହେଁ ଦୁଃସାହସିକ ଟ୍ରେକିଂ କରିବା ବି ପର୍ଯ୍ୟଟକଙ୍କୁ ଏଠାରେ ନିଆରା ଅନୁଭୂତି ଦେଇଥାଏ।

### କେବେ ଯିବେ

ଦାଚିଗାମ ଜାତୀୟ ଉଦ୍ୟାନର ତଳ ଭାଗରେ ବୁଲିବା ପାଇଁ ମାର୍ଚ୍ଚରୁ ଜୁନ୍ ହେଉଛି ସବୁଠୁ ଭଲ ସମୟ। ସେହିପରି ବନ୍ୟ ପକ୍ଷୀମାନଙ୍କୁ ନିକଟରୁ ଦେଖିବା ପାଇଁ ସେପ୍ଟେମ୍ବରରୁ ଡିସେମ୍ବର ଭିତରେ ଏଠାକୁ ବୁଲିଯିବା ସବୁଠୁ ଉତ୍ତମ ହୋଇଥାଏ ବୋଲି ସୂଚନା ରହିଛି।

### କେମିତି ଯିବେ

ଶ୍ରୀନଗରରୁ ପ୍ରାୟ ୨୨ କି.ମି ଦୂରରେ ଥିବା ଏହି ଜାତୀୟ ଉଦ୍ୟାନକୁ ବୁଲି ଯିବା ପାଇଁ ଶ୍ରୀନଗର ଇଣ୍ଟର ନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଏକ ମୁଖ୍ୟ ବିମାନବନ୍ଦର।





# ଏୟାରପୋର୍ଟ ଲଗେଜ୍ ଟ୍ୟାଗ୍ ଓ ସତର୍କତା

ଫ୍ଲାଇଟ୍‌ରେ ଟ୍ରାଭେଲ କଲାବେଳେ ଚେକ୍ ଇନ୍ ଲଗେଜ୍ ସହ ଏକ ଟ୍ୟାଗ ଆଟାଚ୍ କରାଯାଇଥାଏ ; ଯାହାକୁ ସାଧାରଣତଃ ଯାତ୍ରା ସରିବା ପରେ ସମସ୍ତେ ଫୋପାଡ଼ି ଦିଅନ୍ତି। ହେଲେ ଆପଣ ଜାଣନ୍ତି କି ଏହି ଟ୍ୟାଗ୍‌ରେ ଅନେକ ସେନ୍ସିଟିଭ ତଥ୍ୟ ଲୁଚି ରହିଥାଏ। ଯଦି ଏହା ସ୍କାମର୍‌ଙ୍କ ହାତରେ ପଡ଼ିଯାଏ ଅନେକ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଏନେଇ କ'ଣ କରିବେ ଜାଣନ୍ତୁ...

ଟ୍ରାଭେଲ କଲାବେଳେ ଏୟାରପୋର୍ଟରେ ଚେକ-ଇନ୍ ଲଗେଜ ସହ ଯେଉଁ ଛୋଟିଆ ପେପର୍ ଟ୍ୟାଗ୍ ଆଟାଚ୍ କରାଯାଏ, ତାକୁ ଆମେ ସାଧାରଣତଃ ଫ୍ଲାଇଟ୍‌ରୁ ବାହାରିବା ପରେ ଛିଣ୍ଡାଇ ଡଷ୍ଟବିନ୍‌ରେ ଫିଙ୍ଗିଦେଉ। କିନ୍ତୁ ଏଇ ସାଧାରଣ ଲାଗୁଥିବା ଟ୍ୟାଗ୍‌ରେ ଆପଣଙ୍କର ଅନେକ ସେନ୍ସିଟିଭ ଓ ବ୍ୟକ୍ତିଗତ ତଥ୍ୟ ଲୁଚି ରହିଥାଏ। ତେଣୁ ଏହାକୁ ଏମିତି ଫୋପାଡ଼ିଦେବା ବିପଜ୍ଜନକ।

**ଏୟାରପୋର୍ଟ ଲଗେଜ୍ ଟ୍ୟାଗରେ କ'ଣ ଥାଏ**

ଏୟାରଲାଇନ୍ ଲଗେଜ୍ ଟ୍ୟାଗ୍‌ରେ ସବୁଠୁ ଉପରେ ବ୍ୟକ୍ତିଙ୍କ ନାମ(ସାଧାରଣତଃ ଲାଷ୍ଟ ନେମ୍ ଅବା ଇନିଶିୟାଲ୍ସ) ଥାଏ। ତା'ପରେ ଫ୍ଲାଇଟ୍ ନମ୍ବର ସହ ଡେଷ୍ଟିନେଶନ୍ ଏୟାରପୋର୍ଟ କୋଡ୍ ଯେମିତି କି ଡିଇଏଲ୍, ବିଓଏମ୍ ଥାଏ। ଆଉ ସବୁଠୁ ମହତ୍ତ୍ୱପୂର୍ଣ୍ଣ ହେଉଛି ଏକ ୟୁନିକ ୧୦ ଡିଜିଟ୍ ଲାଇସେନ୍ସ ପ୍ଲେଟ୍ ନମ୍ବର(ଏଲ୍‌ପିଏନ୍) ବି ଥାଏ। ଏହି ଏଲ୍‌ପିଏନ୍ ବାର୍‌କୋଡ୍‌ରେ ଏନ୍‌କୋଡେଡ୍ ହୋଇଥାଏ। ବାର୍‌କୋଡ ସ୍କାନ କଲେ ଏୟାରଲାଇନ୍‌ର ଇଣ୍ଟରନାଲ ସିଷ୍ଟମ ସହ ଯୋଡି ହୋଇଯାଏ ; ଯେଉଁଠି ପାସେଞ୍ଜର ନେମ୍ ରେକର୍ଡ ଷ୍ଟୋର୍ ହୋଇ ରହିଥାଏ। ପିଏନ୍‌ଆର୍ ହେଉଛି ସେହି ୬-କ୍ୟାରେକ୍ଟରର କୋଡ୍ ଯାହା ଆପଣଙ୍କ ପୂରା ବୁକିଂ ସହ ଜଡ଼ିତ ଥାଏ। ଏଥିରେ ଟ୍ରାଭେଲ ତାରିଖ, ସିଟ୍ ନମ୍ବର, ଫ୍ରିକ୍ୱେଣ୍ଟ ଫ୍ଲାୟର୍ ଡିଟେଲ୍ସ ସହ କେବେକେବେ ଇ-ମେଲ୍ ଅବା ଫୋନ୍ ନମ୍ବର ବି ଲିଙ୍କ ହୋଇଥାଇପାରେ।








**ହୋଇପାରେ ବିପଜ୍ଜନକ:** ବିଶେଷଜ୍ଞଙ୍କ ମତରେ, ଫୋପଡ଼ା ଯାଇଥିବା ଟ୍ୟାଗ୍ ଉଠାଇ ନେଇ ତା'ର କୁବ୍ୟବହାର ହେବାର ଆଶଙ୍କା ବହୁତ ଥାଏ। ଏଇ ଯେମିତି ଜଣେ ଚାହିଁଲେ ଏୟାରପୋର୍ଟର ବ୍ୟାଗେଜ୍ କ୍ଲେମ୍ ଏରିୟାରେ ପଡ଼ିଥିବା ଟ୍ୟାଗ୍ ଉଠାଇ ତା'ର ବାର୍‌କୋଡ ସ୍କାନ କରି ପିଏନ୍‌ଆର୍ ବାହାର କରି ଫେକ୍ କ୍ଲେମ୍ ଫାଇଲ୍ କରିପାରିବେ। ତା'ସହ ବ୍ୟାଗ୍ ମିଶିଂର କ୍ଲେମ୍ କରି ଟଙ୍କା ବି ଦାବି କରିପାରନ୍ତି। କିଛି କେସ୍‌ରେ ଟ୍ରାଭେଲ ଇଟିନରେରୀ ବା ଯାତ୍ରା କାର୍ଯ୍ୟକ୍ରମକୁ ଚୋରେଇ ଫ୍ରଡ ବି ହୋଇଛି। ଯଦିଓ କ୍ରେଡିଟ୍ କାର୍ଡ ଡିଟେଲ୍ସ ଏଥିରେ ଡାଇରେକ୍ଟ ନ ଥାଏ କିନ୍ତୁ ପିଏନ୍‌ଆର୍‌ରୁ ଅନେକ ତଥ୍ୟ ଆକ୍ସେସ୍ ହୋଇପାରେ। ଯଦି କେହି ଏୟାରଲାଇନ୍ ସିଷ୍ଟମ୍‌ରେ ଅବାଧ ପ୍ରବେଶ୍ କରିନିଏ ଅବା ସୋସିଆଲ ଇଞ୍ଜିନିୟରିଂ ବ୍ୟବହାର କରେ ତେବେ ପିଏନଆର୍‌ରୁ ଅନେକ ତଥ୍ୟ ଆକ୍ସେସ ହୋଇପାରିବ। ଏଭିଏସନ୍ ଏକ୍ସପର୍ଟ ସ୍ପଷ୍ଟ କରିଛନ୍ତି ଯେ, ବାର୍‌କୋଡ୍‌ରେ କ୍ରେଡିଟ୍ କାର୍ଡ ଭଳି ତଥ୍ୟ ନ ଥାଏ। ଏହା କେବଳ ଏଲପିଏନ୍ ଅଟେ, ଯାହା ଡାଟାବେସ୍ ପଏଣ୍ଟର ଭଳି କାମ କରିଥାଏ।

**ଫୋନ୍ ନମ୍ବର ହୋଇପାରେ ଆକ୍ସେସ୍:** ସାଧାରଣ ଲୋକ ଏହାକୁ ସ୍ମାର୍ଟଫୋନ୍‌ରେ ସ୍କାନ କରି ବେଶି କିଛି ଦେଖିପାରିବେ ନାହିଁ। କିନ୍ତୁ ପେସାଦାର ସ୍କାମର୍ ଟୁଲ୍ସ ଦ୍ୱାରା ପିଏନ୍‌ଆର୍ ବାହାର କରିହେବ। ତା'ସହ ଯଦି ଆପଣଙ୍କ ଟ୍ୟାଗ ଉପରେ ନିଜର ଫୋନ୍ ନମ୍ବର, ଠିକଣା ଅବା ଘର ଆଡ୍ରେସ୍ ଲେଖାଯାଇଛି (ଯାହାକି କିଛି ଲୋକ କରିଥାନ୍ତି) ତେବେ ଏହା ସିଧାସଳଖ ପ୍ରାଇଭେସି ଉପରେ ରିସ୍କ ଆଣିପାରେ। ଆଇଡେଣ୍ଟିଟି ଥେଫ୍ଟ, ଷ୍ଟକିଂ ଅବା ଫିଶିଂ ଆଟାକ୍(ଟଙ୍କା ଓ ପରିଚୟ ଚୋରି କରିବାର ପ୍ରୟାସ)ର ଶିକାର ହୋଇପାରନ୍ତି।

**କ'ଣ କରିବେ:** ସବୁଠୁ ଭଲ ଉପାୟ ହେଉଛି ଟ୍ୟାଗକୁ ଫୋପାଡ଼ିବା ପୂର୍ବରୁ ତାକୁ ଭଲଭାବେ ନଷ୍ଟ କରନ୍ତୁ। ଅବା ବାର୍‌କୋଡକୁ ଭର୍ଟିକାଲି ଚିରି ଦିଅନ୍ତୁ, ଯଦ୍ୱାରାକି ବାର୍‌କୋଡ ଲାଇନ୍‌ଗୁଡ଼ିକ ଚିରିଯିବ ଓ ସ୍କାନ ହୋଇପାରିବ ନାହିଁ। ଏହାଦ୍ୱାରା ତଥ୍ୟ ଅନରିଡେବଲ୍ ହୋଇଯାଏ। ଯଦି ପର୍ସନାଲ ଡିଟେଲ ଅଛି ତାକୁ ଭଲ ଭାବେ ଚିରିଦିଅନ୍ତୁ ଅବା ମାର୍କରରେ କାଟି ଦିଅନ୍ତୁ। ଟ୍ୟାଗ୍‌କୁ ଭଲରେ ଚିରି ପାରନ୍ତି ବା ପୋଡି ଦେଇ ପାରନ୍ତି।

# ଚକୋଲେଟ୍ ଟ୍ରେନ୍




ମାଲ୍ଟାର ପ୍ରସିଦ୍ଧ ଚକୋଲେଟ୍ କାରିଗର ଏଣ୍ଡ୍ରୁ ଫରୁଗିୟା ତିଆରି କରିଛନ୍ତି ପୃଥିବୀର ସବୁଠାରୁ ଲମ୍ବା ଚକୋଲେଟ୍ ସ୍ଥାପତ୍ୟ। ତାହା ହେଉଛି ଏକ ଟ୍ରେନ, ଯାହାର ଲମ୍ବ ୩୪ ମିଟର। ଟ୍ରେନ୍‌ଟି ଦେଖିବାକୁ ପୂରାପୂରି ସତସତିକା ଷ୍ଟିମ୍ ପାୱାର ଟ୍ରେନ୍ ବା ଭିଣ୍ଟେଜ୍ ଷ୍ଟିମ ଇଞ୍ଜିନ୍ ଭଳି। ଏହି ଟ୍ରେନ୍‌କୁ ଇଟାଲୀ, ମିଲନ୍‌ରେ ପ୍ରଦର୍ଶିତ କରାଯାଇଥିଲା। ଟ୍ରେନ୍‌ର ଲମ୍ବ ୫୫.୨୭ ମିଟର। ଫରୁଗିୟା ତାଙ୍କ ଟିମ୍ ସହ ମିଶି ୨୨ଟି ବଗି ଥିବା ଏହି ଷ୍ଟିମ୍ ଇଞ୍ଜିନକୁ ତିଆରି କରିଛନ୍ତି, ଯାହାର ପ୍ରତିଟି ବଗିର ଓଜନ ୧୬୦ କି.ଗ୍ରା.। ଏଥିରେ ୧୮୦ଟି ଚକ ଅଛି। ସତସତିକା ଲାଗୁଥିବା ଏହି ଚକୋଲେଟ୍ ଟ୍ରେନକୁ ତିଆରି କରିବା ପାଇଁ ଫରୁଗିୟା ଏକବର୍ଷର ପ୍ଲାନିଂ କରିଥିଲେ। ପରେ ଟ୍ରେନ୍‌ର ପ୍ରତିଭାଗର ମାଟିର ମଡେଲ ତିଆରି କଲେ। ଏହାପରେ ଯାଇ ସେ ଚକୋଲେଟ୍‌ର ପ୍ରାୟ ୫୦୦୦ଟି ପାର୍ଟ ତିଆରି କରି ଉକ୍ତ ଷ୍ଟିମ୍ ଇଞ୍ଜିନକୁ ତିଆରି କଲେ। ଏହି ଅତି ସୁନ୍ଦର ଓ ନିଖୁଣ ଭାବେ ତିଆରି ଚକୋଲେଟ୍‌ର ଟ୍ରେନ୍‌ଟି ଚଳିତବର୍ଷ ଜାନୁୟାରୀ ମାସ ୨୬ ତାରିଖ ମିଲନ୍‌ରେ ପ୍ରଦର୍ଶିତ ହୋଇଥିଲା। ଚକୋଲେଟ୍‌ର ଏହି ସୁନ୍ଦର ସ୍ଥାପତ୍ୟକୁ ଦେଖି ଲୋକେ ଚକିତ ହୋଇ ଯାଇଥିଲେ। ଆଉ ଏହା ପୃଥିବୀର ସବୁଠାରୁ ଲମ୍ବା ଚକୋଲେଟ୍ ସ୍ଥାପତ୍ୟର ମାନ୍ୟତା ପାଇଲା।

# ପଇସା-ପ୍ରଶଂସା-ପ୍ରତିଷ୍ଠା



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

ସହରରେ କେବଳ ନୁହଁ ସାରା ରାଇଜର ପୁର-ପଲ୍ଲୀରେ ପରିଚିତ ତଥା ପ୍ରଫେଶନରେ ସୁନାମ ଅର୍ଜିଥିବା ଆଡଭୋକେଟ ଦୁଷ୍କରବାବୁ କୁଆଡ଼େ ପାଗଳ ହୋଇଯାଇଛନ୍ତି ଶୁଣି, ମୁଁ ଚମକି ପଡି ଛାତିରେ ଯୁଝେ ଛେପ ପକେଇଦେଲି । ସିଏ ଆଗରୁ ତ ପଇସା- ପ୍ରଶଂସା ପାଇଁ ପାଗଳ ବୋଲି ଲୋକେ କହୁଥିଲେ ! ଏବେ ଆଉ ଅଲଗା କ'ଣ ଆଚରଣରେ ଦେଖେଇଲେ କି ଏମିତି ହୋଇଗଲେ ? ହଁ ଆଜ୍ଞା ! ସେମିତି ହୋଇଛି । ତାଙ୍କୁ ପଇସା-ପ୍ରଶଂସା-ପ୍ରତିଷ୍ଠା, ଏବେ କୁକୁର ବିଷ୍ଠା ଭଳିଆ ଯେମିତି ଗନ୍ଧଉଛି । ଲୋକେ ତାଙ୍କୁ ବାୟା-ପାଗଳ କହୁଛନ୍ତି, ହେଲେ ମତେ ଲାଗିଲା ତାଙ୍କର ବୈରାଗ୍ୟ ଉଦୟ ହୋଇଛି, ମୋହ-ମାୟା ତୁଟିଛି । ଏମିତି କାହିଁକି ହେଲା, ଯେବେ ଆପଣଙ୍କର ଜାଣିବାକୁ ଇଚ୍ଛା ତେବେ ଟିକେ ପଛକୁ ଗଲେ ସିନା ବୁଝିହେବ ।

ଦୁଷ୍କରବାବୁଙ୍କ ପରିବାର ଅବସ୍ଥା ଏମିତି ଥିଲା ଯେ, ଉଚ୍ଚ ଶିକ୍ଷିତ ହୋଇ ଜଣେ ପ୍ରତିଷ୍ଠିତ ଓକିଲ ହେବା ବଡ଼ ଦୁଷ୍କର ଥିଲା । ତେଣୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ତାଙ୍କୁ ଗାଁ ଛାଡ଼ି ସହରରେ ରହି ପ୍ରାୟ ପନ୍ଦର ବରଷ କଠିନ ଶିକ୍ଷା ଓ ଅଧ୍ୟବସାୟ କରିବାକୁ ପଡିଥିଲା । ଜଣେ ଅତି ପୁରୁଖା ଆଡ୍‌ଭୋକେଟଙ୍କ ପାଖରେ ରହି ଆଇନ୍‌କାନୁନ ବିଷୟରେ ଜାଣି କେମିତି କଚେରି ଭିତରେ କାମରେ ସଫଳ ହେବେ, ସେଥିପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । ଧୀରେ ଧୀରେ ନାଁ ହେଲା । ଘର ଫାଟକ ଆଗରେ ଆଡଭୋକେଟ ଦୁଷ୍କର କର, ଏମ୍.ଏ.,ଏଲ୍‌ଏଲ୍‌ବି, ନେମ ପ୍ଲେଟ ଝୁଲିଲା । ସେ ଜାଣିଥିଲେ ଫସିଥିବା ନିର୍ଦ୍ଦୋଷ ଲୋକର କେସ ଲଢ଼ିବାଠାରୁ ଦୋଷୀ ପାଇଁ ଲଢ଼ିଲେ ଅଧିକ ଲାଭ । ଦୋଷୀକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିପାରିଲେ, ଓକିଲାତିରେ ଭଲ ନାଁ ହୁଏ, ପଇସା ସାଙ୍ଗରେ ଭଲ ପ୍ରତିଷ୍ଠା ବି ମିଳେ । ଦିନେ ତାଙ୍କ ପାଖକୁ ଗୋଟେ ଦାଗୀ ମଣିଷମରା ଯୁବକ ଆସିଲା । ତାକୁ ଦୋଷମୁକ୍ତ କରିଦେଲେ ଯେତେ ଚାହିଁବେ, ସେତେ ଟଙ୍କା କୁଢ଼େଇ ଦେବ ଲୋଭ ଦେଖାଇଲା । ଦୁଷ୍କରବାବୁଙ୍କ କହିବା କଥା ଥିଲା.. ଡାକ୍ତର ଓ ଓକିଲଙ୍କୁ କିଛି ନ ଲୁଚେଇ ପୂରା ସତସତ କଥା କହିଲେ ଭଲ । ତାହା ହେଲା । ସତ ଶୁଣି, କେସ୍‌କୁ ଏମିତି ବଦଳେଇ ଦେଲେ ଯେ ମିଛର ଜିତାପଟ ହେଲା । ଦାଗୀ ଦୋଷ-ମୁକ୍ତ ହେବା ଦ୍ୱାରା ସବୁଠାରୁ କରିତକର୍ମା ଓକିଲ ବୋଲି ତାଙ୍କର ଖ୍ୟାତି କାହିଁ କେଉଁଆଡ଼େ ବ୍ୟାପିଗଲା । ଏହା ପରେ ଛୋଟ ବଡ଼ ଯେତେ ଅପରାଧ ସେହି ଯୁବକ ତା'ର ବନ୍ଧୁ ବିରାଦରି କଲେ କରବାବୁଙ୍କ ବିଚକ୍ଷଣ ବୁଦ୍ଧି ବଳରେ ନିର୍ଦ୍ଦୋଷରେ ଖଲାସ ହୋଇ ଭଦ୍ରଲୋକ ହୋଇ ବୁଲିଲେ ।

ଦିନେ ହଠାତ୍ ତାଙ୍କ ଏକମାତ୍ର କନ୍ୟା ରତ୍ନ କାହା ସହ ଫେରାର ହୋଇଯିବା ଶୁଣି, ବାବୁଙ୍କ ମୁଣ୍ଡ ଆଉ କିଛି କାମ କଲାନି । ବହୁତ ଖୋଜାଖୋଜି, ଥାନା ଫାଣ୍ଡି , ବିଜ୍ଞାପନ ଦେଲାପରେ ବି ଝିଅର ପତ୍ତା ମିଳିଲାନି । ଝିଅ ତା'ର ଖବର ନିଜେ ନ ଦେଲେ ବି କାହା ଦ୍ୱାରା ହୁଏତ ଦେବ ଭାବି ବାପାମାଆ ଫୋନ ଘଣ୍ଟିକୁ ଉତ୍କର୍ଣ୍ଣ ହୋଇ ଅପେକ୍ଷା କଲେ । ସବୁ ବୃଥା ଗଲା । ଦୁଇମାସ ପରେ ଟିଭି ଓ ଖବରକାଗଜରୁ ତାଙ୍କ ଝିଅର ଫଟୋ ଦେଖି ଚମକି ପଡି ଖବର ଦେଲେ ତାଙ୍କ ସହକାରୀ ଓକିଲ । ଯେମିତି ଆକାଶ ଗୋଟାକ ଛିଡ଼ି ପଡ଼ିଲା ତାଙ୍କ ଉପରେ । ପତ୍ନୀ ଭୋ ଭୋ ମୁଣ୍ଡ ବାଡ଼େଇଲେ । ପୋଲିସ ଷ୍ଟେସନ, ଇନଭେଷ୍ଟିଗେଶନ, ଫୋରେନ୍‌ସିକ ଟେଷ୍ଟ ହୋଇ ଯେଉଁ ସତ ବାହାରକୁ ଆସିଲା ତହିଁରୁ ଜଣାପଡ଼ିଲା ଝିଅକୁ ଦଳବଦ୍ଧ ବଳାତ୍କାର କରି ନିର୍ମମ ଭାବରେ ପିଟି ପିଟି କିଏ ହତ୍ୟା କରି ନଦୀରେ ଫିଙ୍ଗି ଦେଇଛି ।

ଏକମାତ୍ର ସନ୍ତାନ । କେଡ଼େ ଗେଲବସରରେ ବଢ଼େଇଥିଲେ



ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ । ନାମୀଦାମୀ ସ୍କୁଲରେ ପଢ଼ିଲା । ମ୍ୟାନେଜମେଣ୍ଟ ପଢୁଥିଲେ ଭାବୁଥିଲେ ତାଙ୍କ ଝିଅ ତା'ର ଭବିଷ୍ୟତକୁ ଖୁବ୍ ସୁନ୍ଦରଭାବରେ ମ୍ୟାନେଜ କରିବ ବୋଲି । ହେଲେ ଏତେ ଭୟଙ୍କର ଘଟଣା ଘଟିବ ଆଉ ଏମିତି ଦୁର୍ଦ୍ଦିନ ଆସିବ ବୋଲି ସେ କ'ଣ କେବେ ଭାବିଥିଲେ ! ଏତେଦିନ ଧରି ସୁଖ-ଶାନ୍ତି ପାଇଁ ଜମେଇଥିବା ଧନ, ସାଇତିଥିବା ଦାମୀ ଉପକରଣ, ଘରେ ପକେଇଥିବା ଖଟ-ପଲଙ୍କ, ସମସ୍ତେ ଯେମିତି ତାଙ୍କୁ ଖତେଇ ହୋଇ ଉପହାସ କରୁଥିଲେ । ସ୍ୱାଦିଷ୍ଟ ଖାଦ୍ୟ ବି ବିଷ ପରି ଲାଗୁଥିଲା । ଦିନ ଦି'ପ୍ରହର ସୂର୍ଯ୍ୟ, ରାତିର ଉଜ୍ଜ୍ୱଳ ଆଲୁଅ ଥାଇ, ତାଙ୍କୁ ଘନ ଅନ୍ଧାର ଦିଶୁଥିଲା । ତେଣେ ଆଇନ ତା'ବାଟରେ କ୍ରାଇମ ବ୍ରାଞ୍ଚ ସାହାଯ୍ୟରେ ଦୋଷୀକୁ ଖୋଜୁଥିଲା ।

ଏଇ ଘଟଣା ଘଟିବାର ଆଠଦିନ ପରେ ଦିନେ ତାଙ୍କ ପୂର୍ବ ଗରାଖ ସକାଳୁ ଆସି ଦୁଷ୍କରବାବୁଙ୍କ କର-କମଳରେ ଗାନ୍ଧୀମୁଣ୍ଡିଆ ବ୍ୟାଗ ଭର୍ତ୍ତି ବିଡ଼ା ଧରେଇ ଗୋଡ଼ ତଳେ ପଡ଼ି କହିଲେ, ' ଗୋଟେ ବଡ଼ ଅପରାଧରୁ ମୋ ଭାଇକୁ ମୁକ୍ତ କରାନ୍ତୁ । ଯେତେ କହିବେ ସେତେ ଦେବି ।' ବାବୁ ଏବେ କରିବେ କ'ଣ ? କହିଲେ, ମୋ' ମୁଣ୍ଡ ଠିକ୍ ନାହିଁ । ତଥାପି ଯେଉଁ ଅପରାଧ କରିଛନ୍ତି ତୁମ ଭାଇ ଖୋଲାଖୋଲି ଯାଅ ଲେଖିଦେଇ । କେସ ମୋ ସହକାରୀ ଲଢ଼ିବ । ଅବଶ୍ୟ ନିର୍ଦ୍ଦୋଷ ବୋଲି ତୁମ ଭାଇ ମୁକ୍ତ ହେବ ।'

ଯଥା ସମୟରେ ଦୋଷୀର ବିଚାର ଚାଲିବା ଆଗରୁ, ସେ ଜୁନିୟର ଓକିଲଙ୍କୁ ଡକାଇ ଆସାମୀ ବିଷୟରେ ଜାଣିବାକୁ ଚାହିଁଲେ । ଜାଣିଲେ ଭାଇ ବୋଲାଉଥିବା ସୁନ୍ଦର ବଳିଷ୍ଠ ଯୁବକ ଜଣକ ବିଭିନ୍ନ ସମୟରେ ବାରମ୍ବାର ଆଗମନ କରୁଥିଲା ତାଙ୍କ ଘରକୁ ନାମୀ ଦାମୀ ଯାନରେ, ଯାହାର ବେକରେ ମୋଟା ସୁନାଚେନ ଝୁଲୁଥିଲା । ବଳାଗଣ୍ଠିରେ ସୁନା ବ୍ରେସଲେଟ ଶୋଭା ପାଉଥିଲା, ବୋତାମ ଖୋଲା ଶାର୍ଟ ତଳୁ ଦାଉ ମାରୁଥିଲା ବିଛା ଭଳି ମୋଟା ସୁନା ଚେନ । ସଦ୍ୟଯୌବନା ଏକମାତ୍ର କନ୍ୟା ଧାଇଁ ଯାଉଥିଲା ସଦର ଦରଜା ପାଖକୁ ତା' ଆସିବାର ଜାଣି ଦୁଆର ଖୋଲିବାକୁ । ଆଖି ଲାଖିଯାଉଥିଲା ଦାଗୀ-ଯୁବକର ଛଇଛଟକା ଚେହେରା ଦେଖି । ପହିଲି ଦେଖାରେ ମରୁକି ହସ, ବଢ଼ିବଢ଼ି ପଡ଼ିଲା ପ୍ରେମର-ଫାଶ । ଶେଷକୁ ଫେରାର୍ ହୋଇଗଲା ଝିଅ ଯେତେକ ହାରମାଳ, ଟଙ୍କା ପଇସା ତା' ମାଆ ରଖିଥିଲା ଆଲମାରୀରେ ତାକୁ ଏକାଠି କରି । ଦୁଇମାସ ବୁଲାବୁଲି ଭିତରେ ଯେତେବେଳେ ଟଙ୍କା ପଇସା ସରି ଆସିଲା, ତା'ପରେ ସେ ମୂର୍ଖ ଝିଅର କଲା ସର୍ବନାଶ । ନାଁ କରା ଆଡ୍‌ଭୋକେଟ ଦୁଷ୍କରବାବୁଙ୍କ ଲମ୍ବା ହାତ, କାଡ଼ ପାଇଲାନି ଧରିବାକୁ କିଏ କଲା ଏପରି ଅପହରଣର ଅପକର୍ମ ! କ୍ରାଇମ ବ୍ରାଞ୍ଚର ତନାଘନା ପରେ ଦୋଷୀର ସୁରାକ ମିଳିବା ଖବର ପାଇ, ଆପେ ଆସି ଦୋଷ ସ୍ୱୀକାର କରିଛି ଭାୟା ମିଡିଆ କରି ଦୁଷ୍କରବାବୁଙ୍କ ହାତରେ ବ୍ୟାଗ-ଭର୍ତ୍ତି ଗାନ୍ଧୀ ମୁଣ୍ଡିଆ ବିଡା ଧରେଇ । କ'ଣ ନା ବାବୁ ପ୍ରଫେଶନାଲ । ବାବୁଙ୍କ ଉପରେ ତାଙ୍କ ଓକିଲାତିରେ ସମ୍ପୂର୍ଣ୍ଣ ଭରସା ଓ ବିଶ୍ୱାସ ଅଛି !

ଜୁନିଅରଙ୍କ ଦ୍ୱାରା ଲେଖାପଢ଼ା ସରିଲା । ବିଳମ୍ବ ନ ହୋଇ ଠିକ ବେଳରେ ପଇସା ପତ୍ର କଥା ବି ଛିଣ୍ଡିଲା । ହେଲେ ଏତିକିବେଳକୁ ପ୍ରଶଂସା-ପ୍ରତିଷ୍ଠା ପାଇଁ ପାଗଳ, ପ୍ରସିଦ୍ଧ ଆଡ୍‌ଭୋକେଟଙ୍କ ଚେତା ବୁଡ଼ି ତଳେ କଚାଡ଼ି ହୋଇ ପଡ଼ିଗଲେ ! 'ଚେତା ପଶିଲା ' -ଅଭିଜ୍ଞ ଚିକିତ୍ସକଙ୍କ ଚିକିତ୍ସା ପରେ । ଏବେ ବାବୁ ନିର୍ଦ୍ଦୋଷଙ୍କ ପାଇଁ କୁଆଡେ ବିନା ପଇସାରେ କୋର୍ଟରେ ଲଢୁଥିବାର ଖବର ମିଳୁଛି । ହେଲେ ଓକିଲ ବନ୍ଧୁମାନେ କହୁଛନ୍ତି କରବାବୁଙ୍କ ପାଗଳାମି ଆଗରୁ ବେଶି ବଢ଼ିଯାଇଛି ।

-ବୀର ହରେକୃଷ୍ଣ ପୁର, ପୁରୀ, ମୋ:୭୦୦୮୧୮୮୮୪୭


## ପୁସ୍ତକ ସମୀକ୍ଷା

### ଆମ କଥା ଆମ ବ୍ୟଥା (ଦ୍ୱିତୀୟଭାଗ )

**ଲେଖକ :ଅର୍ଜୁନ ଘଡ଼େଇ**

**ପ୍ରକାଶକ :ଲିପିକା, ନିଜିଗଡ଼ କୁରୁଖି, ହରିରାଜପୁର, ଜଟଣୀ, ପୁରୀ, ମୂଲ୍ୟ :୨୦୦/-**

ଆମ ସମାଜର ସାଂସ୍କୃତିକ, ଆର୍ଥିକ, ରାଜନୈତିକ, ପାରିବାରିକ, ଧାର୍ମିକ, ଶୈକ୍ଷିକ ତଥା ନୈତିକ ବିଧିବ୍ୟବସ୍ଥାର ବାସ୍ତବ ଛବିକୁ ନେଇ ଲେଖକ ଅର୍ଜୁନ ଘଡ଼େଇ ଯେଉଁ ଆଲେଖ୍ୟମାନ ରଚନା କରିଛନ୍ତି, ସେସବୁର ସଂକଳିତ ରୂପ ହେଲା ଏଇ ସୁନ୍ଦର ପୁସ୍ତକ । ଏଥିରେ ସର୍ବମୋଟ ଚାଳିଶଟି ଆଲେଖ୍ୟ ସ୍ଥାନ ପାଇଛି । ଲେଖାଗୁଡ଼ିକ ବିଗତ ଦିନରେ ବିଭିନ୍ନ ଖବରକାଗଜ ପୃଷ୍ଠାରେ ଆତ୍ମପ୍ରକାଶ କରି ବେଶ୍ ପାଠକୀୟ ପ୍ରଶଂସା ସାଉଁଟିଛି । ଯାହାର ସମାହାର ହେଉଛି ଏହି ପୁସ୍ତକ । ଲେଖକ ଗୋଟିଏ ସୁସ୍ଥସୁନ୍ଦର ସମାଜ ଗଠନ ଦିଗରେ ଯେଉଁ ସ୍ୱପ୍ନ ଦେଖିଛନ୍ତି, ତାହା ଏଇ ପୁସ୍ତକ ହିଁ ନିଶ୍ଚିତ ରୂପେ ତାଙ୍କୁ ସଫଳତା ଆଣିଦେବ ବୋଲି ଆଶା ଓ ବିଶ୍ୱାସ । ଏହି ପୁସ୍ତକଟି ପାଠକାଦୃତି ଲାଭ କରିବ ବୋଲି ଆଶା ।





### ନୋବେଲ ପୁରସ୍କାର ପ୍ରାପ୍ତ ହରମାନ୍ ହେସ୍‌ଙ୍କ ସିଦ୍ଧାର୍ଥ

**ଅନୁସୃଜନ :ପ୍ରଦୀପ୍ତ ଶ୍ରୀଚନ୍ଦନ**

**ପ୍ରକାଶକ :ଏଥେନା ବୁକ୍ସ, ଭୁବନେଶ୍ୱର ମୂଲ୍ୟ :୨୫୦/-**

ନୋବେଲ ବିଜେତା ହରମାନ ହେସଙ୍କ ଲିଖିତ ସିଦ୍ଧାର୍ଥ ଉପନ୍ୟାସର ଓଡ଼ିଆ ରୂପାନ୍ତର ଏଇ ପୁସ୍ତକ । ଏଥିରେ ବୁଦ୍ଧଙ୍କର ଧାର୍ମିକ ଅବବୋଧ ତଥା ଜୀବନଧାରାକୁ ଉପଜୀବ୍ୟ କରି ଉପନ୍ୟାସର ବିଷୟବସ୍ତୁ ଗତିଶୀଳ ହୋଇଛି । ସିଦ୍ଧାର୍ଥ ଚରିତ୍ର ରହସ୍ୟମୟ ପରି ହେଲେ ହେଁ ହରମାନଙ୍କ ରଚନା କୌଶଳ ପ୍ରତିଟି ପାଠକକୁ ଏକ ଗୋଲୋକ ଧନ୍ଦାରେ ପଡ଼ିବା ପରି ମନେହୁଏ । ଅନୁବାଦକଙ୍କ ନିଖୁଣ ଅନୁସୃଜନ ମୂଳ ରଚନାକୁ ବହୁ ମାତ୍ରାରେ ଅତିକ୍ରମ କରିଲା ପରି ବୋଧ ହୁଏ । ପୁସ୍ତକଟି ବହୁଳ ଭାବରେ ପାଠକୀୟ ଶ୍ରଦ୍ଧା ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ।




### କବିତା ସମଗ୍ର

**କବି : ପ୍ରଫେସର (ଡାକ୍ତର) ରୁଦ୍ର ନାରାୟଣ ଦାଶ**

**ପ୍ରକାଶକ : ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର, ମୂଲ୍ୟ :୩୫୦/-**

ଲେଖକ ରୁଦ୍ର ନାରାୟଣ ଦାଶ ପେସାରେ ଜଣେ ଡାକ୍ତର ହେଲେ ବି କବି ଭାବରେ ବେଶ୍ ପରିଚିତ । ଶ୍ରୀମତୀ, ସଞ୍ଜବତୀ ଲିଭିଗଲା ପରେ, ସ୍ୱର୍ଗାଦପୀ ଗରିୟସୀ ଓ ଶୁଭ ସକାଳ ପ୍ରତୀକ୍ଷାରେ ନୀଳ ଶତଦଳ ଏହି ଚାରୋଟି କବିତା ସମାହାରକୁ ନେଇ କବିତା ସଂକଳନଟି ପ୍ରସ୍ତୁତ । ବିବାହ ପରେ ନାରୀ ଜୀବନରେ ଯେଉଁସବୁ ଘଟଣା ଘଟେ,ତାକୁ ନେଇ ରଚିତ ଦୀର୍ଘ କବିତା 'ଶ୍ରୀମତୀ' । ସେମିତି ମଣିଷ ଜୀବନ ସହିତ ଜଡ଼ିତ ହୋଇଛି ସଞ୍ଜବତୀ ଲିଭିଗଲା ପରେ । ତୃତୀୟ କବିତା ସ୍ୱର୍ଗାଦପୀ ଗରିୟସୀ ଜନ୍ମମାଟିର ସୌନ୍ଦର୍ଯ୍ୟକୁ ନେଇ ରଚିତ । ଶେଷରେ ରହିଛି ଶୁଭ ସକାଳ ପ୍ରତୀକ୍ଷାରେ ନୀଳ ଶତଦଳ, ଯାହାକି ଅନେକ ଛୋଟ ଛୋଟ କବିତାର ସମାହାର । କବିତା ପୁସ୍ତକଟି ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା ।



# କାର୍ଡବୋର୍ଡ ଖାଉଥିବା ମଣିଷ

ଆମେରିକାର ମେମ୍ଫିସ୍‌ରେ ରୁହନ୍ତି ଟେରୀ ନାମକ ଜଣେ ବ୍ୟକ୍ତି। ଏହି ବ୍ୟକ୍ତିଙ୍କର ଅଛି ଏକ ଅଜବ ଅଭ୍ୟାସ, ଯାହାକି ତାଙ୍କୁ ଖାସ୍ କରାଏ। ସେହି ଅଭ୍ୟାସଟି ହେଉଛି କାର୍ଡବୋର୍ଡ ଖାଇବା। ଭାବୁଥିବେ କୌଣସି ବ୍ୟକ୍ତି କେମିତି ବା କାର୍ଡବୋର୍ଡ ଖାଇପାରିବେ ? ହେଲେ କଥାଟି ସତ। ଟେରୀଙ୍କର ଏହି ଅଭ୍ୟାସ ପୁଣି ଏବେକାର ନୁହେଁ, ବରଂ ପିଲାଟିବେଳୁ ଅଛି। ଏବେ ତାଙ୍କୁ ୩୯ ବର୍ଷ ବୟସ। ଆଉ ଏ ବୟସରେ ବି ସେ କାର୍ଡବୋର୍ଡ ଖାଉଛନ୍ତି।



ତାଙ୍କୁ ଯେତେବେଳେ ମାତ୍ର ୬ ବର୍ଷ ବୟସ ହୋଇଥିଲା, ଥରେ ସେ ଏକ କାର୍ଡବୋର୍ଡ ଖଣ୍ଡ ପାଟିରେ ପୂରାଇଥିଲେ। ଆଉ ତାହା ତାଙ୍କୁ ବହୁତ ସ୍ୱାଦିଷ୍ଟ ଲାଗିଥିଲା। ସେବେଠାରୁ ସେ କାର୍ଡବୋର୍ଡ ଖାଇବା ଆରମ୍ଭ କରିଛନ୍ତି। ସେ ପ୍ରତି ଖାଦ୍ୟରେ କାର୍ଡବୋର୍ଡ ମିଶାନ୍ତି। ଯେମିତିକି ସକାଳେ ବ୍ରେକଫାଷ୍ଟରେ ଅଣ୍ଡା ଅମଲେଟ୍ ତିଆରି କଲାବେଳେ ସ୍ପେଶାଲ ଇନଗ୍ରିଡିଏଣ୍ଟ ଭାବେ ଛୋଟ ଛୋଟ କାର୍ଡବୋର୍ଡ ଖଣ୍ଡ ମିଶାନ୍ତି। ତାଙ୍କର ପ୍ରିୟ ହେଉଛି ମାଟିଆ ରଙ୍ଗର ମୋଟା କାର୍ଡବୋର୍ଡ। ତେବେ ସେ କାର୍ଡବୋର୍ଡକୁ ଏମିତି ସିଧା ସଳଖ ଖାଆନ୍ତି ନାହିଁ। ପ୍ରଥମେ କାର୍ଡବୋର୍ଡକୁ ଧୁଅନ୍ତି, ସୁଖାନ୍ତି। ପରେ ତାକୁ ଛୋଟ ଛୋଟ ଖଣ୍ଡ କରି ଖାଆନ୍ତି। ସେ କୁହନ୍ତି, 'କାର୍ଡବୋର୍ଡ ଖାଇଲେ ମତେ ସ୍ପେଶାଲ ପାୱାର ମିଳେ।' ଟେରୀ ନିଜକୁ ନିଜେ କାର୍ଡବୋର୍ଡ କିଙ୍ଗ ବୋଲି ବି କୁହନ୍ତି। ଡାକ୍ତର କିନ୍ତୁ ଏହି ଅଭ୍ୟାସକୁ ପିକା ଡିଜଅର୍ଡର କହୁଛନ୍ତି। ଏହା ଏକପ୍ରକାରର ଇଟିଂ ଡିଜଅର୍ଡର, ଯେଉଁଥିରେ ଲୋକେ ଅଖାଦ୍ୟକୁ ଖାଦ୍ୟ ଭାବେ ଗ୍ରହଣ କରିବାର ଇଚ୍ଛା ପ୍ରକାଶ କରନ୍ତି। ଏହା ପ୍ରାୟତଃ ନ୍ୟୁଟ୍ରିଶନାଲ ଡେଫିସିଏନ୍ସି ଯେମିତିକି ଆଇରନ ଓ ଜିଙ୍କ୍‌ର ଅଭାବ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଯେମିତିକି ଡିପ୍ରେସନ୍, ଏଙ୍ଗଜାଇଟି ଅବା ଅଟିଜମ୍ ସହ ଜଡିତ। କାର୍ଡବୋର୍ଡ ଖାଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ବୋଲି ଡାକ୍ତର ମତ ଦିଅନ୍ତି। ଏହାଦ୍ୱାରା ଦାନ୍ତ ଖରାପ ହେବା, ପେଟରେ ବ୍ଲକେଜ୍, ଇଣ୍ଟେଷ୍ଟାନାଇଲ୍ ଡ୍ୟାମେଜ୍, ଇନଫେକ୍ସନ କିମ୍ୱା ଲିଭର୍ ସମସ୍ୟା ଉପୁଜିପାରେ। ହେଲେ ଟେରୀଙ୍କର ଏଯାଏ କୌଣସି ଶାରୀରିକ ସମସ୍ୟା ଉପୁଜି ନାହିଁ। ଡାକ୍ତର କିନ୍ତୁ ସତର୍କ କରାଇଛନ୍ତି ଯେ, ଏହା ଜାରି ରହିଲେ ଜୀବନ ପାଇଁ ବିପଦ ସୃଷ୍ଟି ହୋଇପାରେ।




# ଓଟଙ୍କୁ ପୁଣି ବୋଟକ୍ସ !







ମହିଳାମାନଙ୍କର ବିଉଟି କଣ୍ଟେଷ୍ଟ ହୁଏ, ଏକଥା ସମସ୍ତେ ଜାଣନ୍ତି। ହେଲେ ଜାଣନ୍ତିକି ଓଟମାନଙ୍କର ବି ବିଉଟି କଣ୍ଟେଷ୍ଟ ହୁଏ ? ସେପୁଣି ପ୍ରତିବର୍ଷ ଓମାନରେ ଆୟୋଜିତ ହୁଏ। 'କିଙ୍ଗ ଅବଦୁଲାଜିଜ୍ କ୍ୟାମେଲ ଫେଷ୍ଟିଭାଲ' ନାମରେ ପରିଚିତ ଏହି ପ୍ରତିଯୋଗିତା ପୃଥିବୀର ସବୁଠୁ ବଡ଼ କ୍ୟାମେଲ ଫେଷ୍ଟିଭାଲ। ଏଥିରେ ଓଟଗୁଡ଼ିକୁ ମାଲିକମାନେ ଖୁବ୍ ସୁନ୍ଦରଭାବେ ସଜାଇଥାନ୍ତି। ତେବେ ଚଳିତ ବର୍ଷ ଏହି ସୁନ୍ଦରୀ ପ୍ରତିଯୋଗିତାରେ ୨୦ଟି ଓଟ ଡିସ୍‌କ୍ୱାଲିଫାଏ ହୋଇଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ତା'ର କାରଣ ହେଉଛି ଓଟଙ୍କୁ ବୋଟକ୍ସ ଇଞ୍ଜେକ୍ସନ ଦିଆଯିବା ସହ ଅନ୍ୟ କସ୍ମେଟିକ ଏନହାନ୍ସମେଣ୍ଟସ୍ ବି କରାଯାଇଛି। ପ୍ରତିଯୋଗିତାର ଇନସ୍ପେକ୍ଟର ଓଟଙ୍କର ଏଭଳି ପରିବର୍ତ୍ତିତ ଚେହେରା ଦେଖି ଏହା ପ୍ରତିଯୋଗିତା ନିୟମର ଉଲ୍ଲଂଘନ କହି ୨୦ଟି ଏଭଳି ଓଟକୁ ପ୍ରତିଯୋଗିତାରୁ ବାହାର କରିଦେଇଛନ୍ତି। ଓଟଙ୍କୁ ନେଇ ଆୟୋଜିତ ହେଉଥିବା ଏହି ବିଉଟି କଣ୍ଟେଷ୍ଟ ଓମାନର ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ। ଏଠାରେ ଏହି ପ୍ରତିଯୋଗିତାକୁ ସମ୍ମାନର ସହ ଦେଖାଯାଏ ଓ ବିଜେତାକୁ ଆର୍ଥିକ ପୁରସ୍କାରରେ ପୁରସ୍କୃତ କରାଯାଏ। ଜଜ୍‌ମାନେ ଓଟଙ୍କ ମୁଣ୍ଡର ଆକାର, ବେକ, କୁଜ ଓ ଓଠ ଦେଖି ସେମାନଙ୍କ ସୁନ୍ଦରତା ନିର୍ଦ୍ଧାରଣ କରନ୍ତି।



# ୧୫୦୦୦ ଫୁଟ ଉପରେ ହୋଟେଲ

ଦୁର୍ଗମ ସ୍ଥାନରେ ଥିବା ଅନେକ ହୋଟେଲ ବିଷୟରେ ଜାଣିଥିବେ। ତନ୍ମଧ୍ୟରେ ଗୋଟିଏ ହେଉଛି ୟୁରୋପର ସବୁଠାରୁ ଉଚ୍ଚସ୍ଥାନରେ ଥିବା ହୋଟେଲ 'ମାର୍ଗାରେଟ୍ ହଟ୍' ହୋଟେଲ। ଇଟାଲୀୟାନ ଆଲ୍ପସ୍‌ରେ ଥିବା ପୁଣ୍ଟା ଗ୍ନିଫେଟି ପର୍ବତର ଶିଖରରେ ପ୍ରାୟ ୧୫୦୦୦ ଫୁଟ ଉଚ୍ଚତାରେ ଏହା ଅବସ୍ଥିତ। ଏହି ହୋଟେଲକୁ କେବଳ ସେଇମାନେ ଯାଇପାରିବେ ଯେଉଁମାନେ ସାହସୀ ଓ ଯାହାଙ୍କର ଉଚ୍ଚତାକୁ ଭୟ ନ ଥାଏ। ପାଞ୍ଚ ଘଣ୍ଟାର ପାହାଡ଼ ଚଢା ସହ ଶିଖରରେ ପହଞ୍ଚିବା ପରେ ଯଦି କେହି ସୁସ୍ଥ ରହନ୍ତି ତେବେ ଯାଇ ଏହି ହୋଟେଲ ରହଣିର ମଜା ଉଠାଇହେବ। ଉକ୍ତ ହୋଟେଲର ନାମ ଇଟାଲୀ ରାଣୀ ମାର୍ଗାରେଟ୍ ଅଫ୍ ସଭୋୟଙ୍କ ନାମ ଅନୁସାରେ ନାମକରଣ କରାଯାଇଛି, ଯେକି ୧୮୯୩ରେ ଏଠାକୁ ଆସିଥିଲେ। ମାର୍ଗାରେଟ୍ ହଟ୍ ପର୍ଯ୍ୟନ୍ତ ପହଞ୍ଚିବା କୌଣସି ଛୋଟିଆ କଥା ନୁହେଁ। ଏହି ଯାତ୍ରା ସାଧାରଣତଃ ଅଲ୍ଗାନା ୱାଲସେସିୟା ଅବା ଗ୍ରେସୋନୀରୁ ଆରମ୍ଭ ହୁଏ। ବରଫାବୃତ୍ତ ଏହି ପର୍ବତକୁ ଆରୋହଣ କରିବାବେଳେ ଅନେକ ବିପଦ ଆସେ। ପର୍ବତାରୋହୀ ଏହି ହୋଟେଲକୁ ପହଞ୍ଚିବା ପୂର୍ବରୁ ଏତେ ଉଚ୍ଚତାର ଜଳବାୟୁରେ କିଭଳି ଖାପଖୁଆଇ ରହିବେ, ସେଥିପାଇଁ ଏହାଠାରୁ କମ୍ ଉଚ୍ଚତାର ଏକ ସ୍ଥାନରେ ଗୋଟିଏ ରାତି ବିତାଇଥାନ୍ତି। ଏହାପରେ ଯାଇ ମାର୍ଗାରେଟ୍ ହଟ୍‌କୁ ଯାଆନ୍ତି। ମାର୍ଗାରେଟ୍ ହଟ୍‌ଟି ଛାତ୍ରାବାସ ଶୈଳୀରେ ନିର୍ମିତ। ଏଠାରେ ୭୦ଜଣ ଅତିଥି ରହିବା ବ୍ୟବସ୍ଥା ଅଛି। ମାର୍ଗାରେଟ୍ ହଟ୍ କେବଳ ଏକ ରହଣି ସ୍ଥଳ ନୁହେଁ, ବରଂ ଇତିହାସ ଓ ରୋମାଞ୍ଚରେ ଭରା ଏକ ସ୍ଥାନ। ମାର୍ଗାରେଟ ହଟ୍ ଏକ ସାଇନ୍ସ ରିସର୍ଚ୍ଚ ଷ୍ଟେସନ ଭାବେ ମଧ୍ୟ କାମ କରେ।